

ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। କାରଣ ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ। -ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ଅସହାୟଙ୍କୁ ସାମଗ୍ରୀ ପ୍ରଦାନ



ସୁନାବେଡ଼ା,୨୬।୮(ଡ଼ି.ଏନ.ଏ): ସୁନାବେଡ଼ାସ୍ଥିତ ଦଳିତ ସେବା ତରଫରୁ ଏକ କାର୍ଯ୍ୟକ୍ରମ ସେମିଲିଗୁଡ଼ାସ୍ଥିତ ଗଡିଦୁସରା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ଏହି ଗ୍ରାମରେ ଅସହାୟ ଅବସ୍ଥାରେ ଥିବା ବୃଦ୍ଧାବୃଦ୍ଧମାନଙ୍କୁ କମ୍ବଳ,ପଟି,ଛତା, ଗାମୁଛା, ଧୋତି,ଶାଢ଼ି, ଶୀତବସ୍ତ୍ର, ସାବୁନ, ତେଲ,ଟର୍ଚ୍ଚ ଆଦି ସହ ଅନ୍ୟାନ୍ୟ ନିତିଦିନିଆ ସାମଗ୍ରୀ ପ୍ରଦାନ କରିଛନ୍ତି । ପୂର୍ବରୁ ଏପରି କାର୍ଯ୍ୟ ସଂଗଠନ ପକ୍ଷରୁ କରାଯାଇ ଆସୁଛି । ଏହି କାର୍ଯ୍ୟକ୍ରମରେ ସ୍ମୃତିରଞ୍ଜନ ସାମଲ, ମାନସ ଦାଶ, ପ୍ରଦୀପ ପରିଡ଼ା, ରାକେଶ ସିଂ,ଶ୍ରୀକାନ୍ତ ଷଡଙ୍ଗୀ, ସୋମ୍ୟ ପଣ୍ଡା, ଏମ.ଜି.ରାଜୁ, ରତି ଜେନା ପ୍ରମୁଖ ସଦସ୍ୟମାନେ ଯୋଗଦେଇଥିଲେ ।

### ଜଗନ୍ନାଥ ସାଗର ନାଁରେ ଅର୍ଥ ତୋସରପାତ ଅଭିଯୋଗ ପୁଣି ଘୁଞ୍ଚିଲା ଶୁଣାଣି

ଜୟପୁର, ୨୬।୮ (ନି.ପ୍ର): ଐତିହାସିକ ଜଗନ୍ନାଥ ସାଗର ବିକାଶ ନାମରେ ଅର୍ଥ ତୋଷାରପାତ ଅଭିଯୋଗର ଶୁଣାଣି ପୁଣି ଘୁଞ୍ଚିଛି । ଆସନ୍ତା ଅକ୍ଟୋବର ୧୫ରେ ଏହି ଶୁଣାଣି ହେବ । ସୋମବାର ଜଗନ୍ନାଥ ସାଗର ପ୍ରସଙ୍ଗରେ ଦିଲ୍ଲୀର ଜାତୀୟ ହରିତ ଅଧୀକରଣ କୋର୍ଟରେ ଦ୍ୱିତୀୟ ଶୁଣାଣି ହୋଇଥିଲା । ଏହାର ପ୍ରଥମ ଶୁଣାଣି ସମୟରେ ରାଜ୍ୟ ସରକାର ଜଗନ୍ନାଥ ସାଗର ବାବଦରେ କୌଣସି ସଠିକ ତଥ୍ୟ ଉପସ୍ଥାପନ କରି ପାରି ନ ଥିଲେ । ତେବେ ପରବର୍ତ୍ତୀ ଶୁଣାଣି ସମୟରେ ଯଦି ରାଜ୍ୟ ସରକାର ସମସ୍ତ ଦସ୍ତାବିଜ ଜମା ନ କରି ପାରିଲେ କୋରାପୁଟ ଜିଲାପାଳଙ୍କୁ ପ୍ରତ୍ୟକ୍ଷ ଭାବରେ ହାଜର ହେବା ପାଇଁ ନିର୍ଦ୍ଦେଶ ରହିଥିଲା । ତେଣୁ ଦ୍ୱିତୀୟ ଶୁଣାଣିରେ କୋରାପୁଟ ଜିଲାପାଳଙ୍କ ପ୍ରତିନିଧି ଭାବେ ସରକାରୀ ଓକିଲ ପକ୍ଷ ରଖିଥିଲେ । ପକ୍ଷଭୁକ୍ତ ହୋଇଥିବା ବିଭାଗଗୁଡିକ ତରଫରୁ ତଦନ୍ତରେ ସହଯୋଗ କରାଯାଉ ନ ଥିବା ନେଇ ଜଷ୍ଟିସ ଆଦର୍ଶ କୁମାର ଗୋଏଲ, ଜଷ୍ଟିସ ରଘୁବେନ୍ଦ୍ର ଏସ ରାଠୋର ଏବଂ ଏଜିଟି ସଦସ୍ୟ ଡକ୍ଟର ସତ୍ୟ ନାରାୟଣ ସିଂ ଗରୱାଲଙ୍କ ମିଳିତ ଖଣ୍ଡପୀଠଙ୍କ ପାଖରେ ବସନ୍ତ ପାତ୍ର ଜଣାଇଛନ୍ତି । ତେବେ ଏହି କଥାକୁ ବିଚାରକୁ ନେଇ ମିଳିତ ଖଣ୍ଡପୀଠ ଆଗାମୀ ଶୁଣାଣି ଅକ୍ଟୋବର ୧୫କୁ ଧାର୍ଯ୍ୟ କରିଛନ୍ତି । ଏଥିସହ ସମସ୍ତ ଆବଶ୍ୟକ ଦସ୍ତାବିଜ ଅକ୍ଟୋବର ୧୫ ସୁଦ୍ଧା ଦାଖଲ କରା ନଗଲେ ଏହାକୁ ଅଦାଲତ ଅବମାନନା ଭାବରେ ଦର୍ଶାଯିବା ପାଇଁ କୋର୍ଟ ରାୟ ପ୍ରଦାନ କରିଛନ୍ତି । ଐତିହାସିକ ଜଗନ୍ନାଥ ସାଗରରେ ଅନିୟମିତତା ଓ ବିକାଶ ନାମରେ ଅର୍ଥ ତୋସରପାତ ହୋଇଥିବା ନେଇ ଅଭିଯୋଗ ଦିଲ୍ଲୀର ଜାତୀୟ ହରିତ ଅଧୀକରଣ କୋର୍ଟରେ ହୋଇଥିଲା ।

### ଗିରଫ ସିଏସ୍‌ଓଙ୍କ ଜାମିନ ଶୁଣାଣି ଆଜି

ଜୟପୁର,୨୬।୮(ଡି.ଏନ.ଏ ): କୋରାପୁଟ ଜିଲା ଜୟପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଗିରଫ ହୋଇଥିବା ମାଲକାନଗିରି ଜିଲା ଯୋଗାଣ ଅଧିକାରୀଙ୍କ ଜାମିନ ଆବେଦନର ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହେବ । ଗତ ୧୭ତାରିଖରେ ମାଲକାନଗିରି ସିଏସଓ ଅଭିମନ୍ୟୁ ମହାନ୍ତି ଏକ ଲକ୍ଷ ୯୧ ହଜାର ୧୪୦ ଟଙ୍କା ନେଇ ଏକ କାର ଯୋଗେ ନିଜ ଘର ବ୍ରହ୍ମପୁରକୁ ଯାଉଥିଲେ । ଜୟପୁର ଭିଜିଲାନ୍ସ ଏସ.ପିଙ୍କ ନିର୍ଦ୍ଦେଶକ୍ରମେ ବୈପାରିଗୁଡାଠାରେ ଭିଜିଲାନ୍ସ ଦ୍ୱାରା ସେ ଗିରଫ ହୋଇଥିଲେ। ତାଙ୍କୁ ୧୮ ତାରିଖରେ କୋର୍ଟ ଚାଲାଣ କରାଯାଇଥିଲା । ଏହିପରି ତାଙ୍କ ଓକିଲଙ୍କ ଦ୍ୱାରା ସିଏସ୍‌ଓଙ୍କୁ ଜାମିନ ପ୍ରଦାନ ନେଇ ଆବେଦନ କରାଯାଇଥିଲା । କିନ୍ତୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ତାଙ୍କର ଜାମିନ ଆବେଦକୁ ଶୁଣାଣି ନିମନ୍ତେ ସ୍ଥଗିତ ରଖିବା ସହିତ ଜେଲ ହାଜତକୁ ପଠାଇ ଦେଇଥିଲେ । ତାଙ୍କର ଜାମିନ ଆବେଦନର ଶୁଣାଣି କୋର୍ଟ ପକ୍ଷରୁ ମଙ୍ଗଳବାର କରାଯିବ । କିନ୍ତୁ ଆଇନଜୀବୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସିଏସ୍‌ଓ ନିଜେ ଆବେଦନ କରିବା ସମ୍ଭାବନା ରହିଛି । ସିଏସ୍‌ଓ ମହାନ୍ତିଙ୍କ ନାମରେ ୨୦୧୨ରେ ଆୟବର୍ହିଭୁତ ମାମଲାରେ ଭିଜିଲାନ୍ସରେ ଏକ ମାମଲା ରହିଥିଲା । ଭିଜିଲାନ୍ସ ପକ୍ଷରୁ ତାଙ୍କ ନିକଟରୁ ଉପରୋକ୍ତ ଟଙ୍କା ଜବତ କରାଯାଇଥିଲା। ଯାଞ୍ଚବେଳେ ବ୍ରହ୍ମପୁରସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କରେ ୧୨ ଲକ୍ଷ ୬୨ ହଜାର, ଏକ୍ସିସ ବ୍ୟାଙ୍କରେ ୨ଲକ୍ଷ ୭୧ ହଜାର ଏବଂ ଆଇସିଆଇସିଆଇ ବ୍ୟାଙ୍କରେ ୩ ଲକ୍ଷ ୩୭ ହଜାର ଟଙ୍କା,ଗାନ୍ଧିନଗରଠାରେ ୨ ମହଲା ଗୃହ ରହିଛି । ସେହିପରି ଜୀବନ ବୀମା ଏବଂ ଅନ୍ୟାନ୍ୟ ଯାଞ୍ଚ ଜାରି ରହିଛି ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି ।

■ ଏସ୍‌ଏଚ୍‌ଜି ଦ୍ୱାରା ଧାନ କିଣାକୁ ବିରୋଧ

# ଶୁଣିଲେନି ଜିଲାପାଳ, ଉପଜିଲାପାଳ

## ରାସ୍ତା ଅବରୋଧ ନେଇ ଚେତାବନୀ ଦେଲେ ଚାଷୀ

ଜୟପୁର, ୨୬।୮ (ନି.ପ୍ର/ଡ଼ି.ଏନ.ଏ)

ଏସ୍‌ଏଚ୍‌ଜି ଦ୍ୱାରା ଧାନକିଣାକୁ ବିରୋଧ କରି ସୋମବାର ଶତାଧିକ ଚାଷୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତ। ଜୟପୁର ବ୍ଲକ ଜାମୁଣ୍ଡା ଓ କଙ୍ଗା ପଞ୍ଚାୟତର ଚାଷୀ ବୈପାରିଗୁଡାରେ ଆୟୋଜିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ପହଞ୍ଚି ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିଲେ । ହେଲେ ଜିଲାପାଳ ଓ ଉପଜିଲାପାଳ ଚାଷୀଙ୍କ ଅଭିଯୋଗକୁ ଶୁଣି ନ ଥିଲେ । ପରେ ଚାଷୀମାନେ ଜୟପୁର ସଦର ଥାନାରେ ଜଣାଇଥିଲେ ।

ଉକ୍ତ ଦୁଇ ପଞ୍ଚାୟତର ଶତାଧିକ ଚାଷୀ ଜିଲାପାଳଙ୍କୁ ସମସ୍ୟା ଜଣାଇବାକୁ ବୈପାରୀଗୁଡ଼ା ଯାଇଥିଲେ । ସେମାନେ ଅଭିଯୋଗ କରିଛନ୍ତି ଯେ, ଚଳିତ ମଣ୍ଡି ଧାନ କ୍ରୟ କରିବା ନିମନ୍ତେ ଲ୍ୟାମ୍ପସ ପରିବର୍ତ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଏପରି କରିବା ଦ୍ୱାରା ଚାଷୀମାନେ ନିୟମିତ ଧାନ ବିକ୍ରୟ ଏବଂ ଟଙ୍କା ଠିକ୍ ସମୟରେ ପାଇବା ନିମନ୍ତେ ଅସୁବିଧାର ସମ୍ମୁଖୀନ ହେବେ । ତେଣୁ ପୂର୍ବପରି ଲ୍ୟାମ୍ପସ ଜରିଆରେ କ୍ରୟ କରିବାକୁ ଦାବି କରିଥିଲେ । କିନ୍ତୁ ଜିଲାପାଳ କି ଉପ ଜିଲାପାଳ କୌଣସ ପଦକ୍ଷେପ ନେଲେ ନାହିଁ। ତେଣୁ ସମସ୍ତ ଚାଷୀ ଏକତ୍ରିତ ହୋଇ ଜୟପୁର ସଦର ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ । ମଙ୍ଗଳବାର ୨୬ ନଂ ଜାତୀୟ ରାଜପଥର କୁମୁଲିପଟଠାରେ ପୂର୍ବାହ୍ନ ୧୧ଟାରୁ ୧୨ ଯାଏ ରାସ୍ତା ଅବରୋଧ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଯଦି ସରକାର କୌଣସି ପଦକ୍ଷେପ ନ ନେବେ ତେବେ ଅନିର୍ଦ୍ଦିଷ୍ଟ କାଳ ଯାଏ ରାସ୍ତା ଅବରୋଧ କରିବାକୁ ଚାଷୀ ଜଗନ୍ନାଥ ରନ୍ଧାରୀ, ଶ୍ୟାମ ସୁନ୍ଦର ରନ୍ଧାରି, ସନୁ ଅମାନତ୍ୟ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏନେଇ ଜୟପୁର ବ୍ଲକ କଙ୍ଗା , ଜାମୁଣ୍ଡା, କୁନ୍ଦୁରା ବ୍ଲକ ଦିଗାପୁର, ବୈପାରିଗୁଡା ଅଞ୍ଚଳର ଚାଷୀମାନେ ଉପ ଜିଲାପାଳ, ଜିଲା ଯୋଗାଣ ଅଧିକାରୀ, ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ ।ରାଜ୍ୟ ସରକାର ମହିଳା ସଶକ୍ତୀକରଣ ତଥା ମିଶନ ଶକ୍ତି ଦ୍ୱାରା ପ୍ରଶିକ୍ଷିତ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଖରିଫ ଋତୁ ପାଇଁ ଧାନ କିଣିବାର ବ୍ୟବସ୍ଥା କରିଛନ୍ତି । ଏହି ପରିପକ୍ଷୀରେ କୋରାପୁଟ ଜିଲାର ପ୍ରାୟ ୮ଟି ପଞ୍ଚାୟତରେ ବଛା ଯାଇଥିବା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ଧାନ କିଣା ନେଇ ବ୍ୟବସ୍ଥା କରାଯାଇଛି । ବିଭିନ୍ନ ମାନଦଣ୍ଡ ତଥା ସ୍ୱୟଂ ସହାୟକ ଗୋଷ୍ଠୀର ଆର୍ଥିକ ସୁଦୃଢତାକୁ ବିଚାରକୁ ନେଇ ଏହି ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ କରାଯାଇଛି ।



ଥାନାକୁ ଅଭିଯୋଗ କରିବାକୁ ଆସିଥିବା ଚାଷୀମାନେ ।



ଏସପି ଥାନାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ।

## ଶାନ୍ତି ଶୃଙ୍ଖଳା ନେଇ ଥାନା ଅଧିକାରୀଙ୍କ ସହ ଆଲୋଚନା କଲେ ଏସ୍‌ପି

କୋରାପୁଟ,୨୬।୮(ସ୍ୱ.ପ୍ର)

କୋରାପୁଟର ନୂତନ ଏସପି ଭାବେ ମୁକେଶ କୁମାର ଭାମୋ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥିସହିତ ଜିଲାର ଶାନ୍ତିଶୃଙ୍ଖଳା ନେଇ ସମସ୍ତ ଥାନା ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି। ବର୍ତ୍ତମାନ ଜିଲା ପୋଲିସ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ସେ କହିଛନ୍ତି । ସୂଚନାଥାଉ କି, ମୁକେଶ କୁମାର ପୂର୍ବରୁ ନବରଙ୍ଗପୁର ଏସ୍‌ପି, ବରଗଡ ଏସ୍‌ପି ଭାବେ ସଫଳ ଦାୟିତ୍ୱ ତୁଲାଇଥିବାବେଳେ ବର୍ତ୍ତମାନ ତାଙ୍କୁ କୋରାପୁଟ ଏସ୍‌ପି ଭାବେ ବଦଳି କରାଯାଇଛି । ତେଣୁ ଲୋକମାନଙ୍କୁ ନ୍ୟାୟ ଦେବା ସହିତ ଜିଲାର ଶାନ୍ତି ଶୃଙ୍ଖଳା ରକ୍ଷା କରିବା ଦିଗରେ ସେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି ।

# ୯୮ ଅଭିଯୋଗ ଶୁଣିଲେ ଜିଲାପାଳ

ବୈପାରୀଗୁଡା,୨୬।୮(ଡି.ଏନ୍.ଏ)

ବୈପାରୀଗୁଡ଼ା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ମିଶ୍ର ଯୋଗ ଦେଇ ମୋଟ ୯୮ଟି ଅଭିଯୋଗ ଶୁଣିଥିଲେ । ସେଥିମଧ୍ୟରୁ ୭୦ଟି ବ୍ୟକ୍ତିଗତ ଓ ୨୮ ଟି ସାମୂହିକ ଥିଲା । ଭୂଦାନ ଜମି ଚିହ୍ନଟ କରି ଗରିବ ଲୋକଙ୍କୁ ବଣ୍ଟନ କିମ୍ବା ସରକାରୀ କାମରେ ଲଗାଇବା ,ବୈପାରୀଗୁଡା ଦେଇ ଯାଇଥିବା ଜାତୀୟ ରାଜପଥର ଡ୍ରେନକୁ ଲାଗିଥିବା ରାସ୍ତା କଂକ୍ରିଟ୍ କରିବା ,ଗୁପ୍ତେଶ୍ୱର ପୀଠ ଦାୟିତ୍ୱରେ ଏଣ୍ଡାଭମେଣ୍ଟ କମିଟି ଅଧ୍ୟ ଦାୟିତ୍ୱ ଜୟପୁର ତହସିଲଦାର ବଦଳରେ ବୈପାରୀଗୁଡା ତହସିଲଦାରଙ୍କୁ ପ୍ରଦାନ କରିବା, ଶହୀଦ୍ ଲକ୍ଷ୍ମଣ ନାୟକ ପାଠାଗାର ଜାଗା ଚିହ୍ନଟ କରିବା ସହ ଜବରଦଖଲ ହଟାଇବା ଏବଂ ତାହାର ରକ୍ଷଣ ବେକ୍ଷଣ କୌଣସି ପଞ୍ଜୀକୃତ ଅନୁଷ୍ଠାନକୁ ପ୍ରଦାନ କରିବା ,ଶହୀଦଲକ୍ଷ୍ମଣ ନାୟକଙ୍କ ଜନ୍ମମାଟି ବ୍ଲକ ସଦର ମହକୁମାଠାରୁ ୭୦ କିମି ଦୂରରେ ଥିବା ତେନ୍ତୁଲିଗୁମ୍ମା ବିକାଶ ପ୍ରତି ଧ୍ୟାନ ଦେବା, ବିଭିନ୍ନ ସରକାରୀ କାମରେ ଆସୁଥିବା ଲୋକଙ୍କ ଲାଗି ରାତିରେ ରହିବା ପାଇଁ ଏକ ଆଶ୍ରୟସ୍ଥଳିର ବ୍ୟବସ୍ଥା ଆଦି କରାଯାଇଛି। ସେହିପରି ଅଲ ଇଣ୍ଡିଆ ଲେଡିସ୍ ୱାର୍କର୍ସ ଆସୋସିଏଶନ ପକ୍ଷରୁ ସିଡିପିଓଙ୍କ ବିରୋଧରେ ଅଣାଯାଇଥିବା ଦୁର୍ନିତିର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି କରାଯାଇଥିଲା । ଅନ୍ୟ ଏକ ପ୍ରମୂଖ ଅଭିଯୋଗ ଆଣିଥିଲେ ଜୟପୁର,ବୋରିଗୁମ୍ମା ଓ ବୈପାରୀଗୁଡା ବ୍ଲକର କିଛି ଚାଷୀ । ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଧାନ କିଣାକୁ ବିରୋଧ କରିଥିଲେ । ସ୍ୱୟଂ ସହାୟିକା ଗୋଷ୍ଠୀ ବଦଳରେ ଲ୍ୟାମ୍ପକୁ ଦାୟିତ୍ୱ ଦେବାକୁ ଦାବି କରିଥିଲେ । ପରେ ସେମାନଙ୍କ ଦାବି ପ୍ରତି ଜିଲାପାଳ ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ କରି ପୂର୍ତ୍ତ ବିଭାଗ ବଙ୍ଗଳା ବାହାରେ ହୋ ହାଲ୍ଲା କରିଥିଲେ । ଜିଲାପାଳ ଚାଲିଯିବା ପରେ ପୂର୍ବରୁ ଅପେକ୍ଷା କରିଥିବା ବହୁ ଲୋକ ନିରାଶ ହୋଇ ଫେରିଥିଲେ । ଅଭିଯୋଗ ଶୁଣାଣି ବେଳେ ଜିଲାପାଳଙ୍କ ସହ କୋରାପୁଟ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଧାମୁ, ଜୟପୁର ପିଆଇଟିଡିଏ ଗୋପୀନାଥ ସାର୍କା , ଡି.ଡବ୍ଲୁ.ଓ ମଧୁସ୍ମିତା ମହାପାତ୍ର, ଉପ ଜିଲାପାଳ ଲୋକନାଥ ଦଳବେହେରା, ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ପଣ୍ଡା ,ଡି.ଏସ୍.ଡବ୍ଲୁ.ଓ ହରେକୃଷ୍ଣ ପ୍ରଧାନ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଜନୀକାନ୍ତ ଦାସ ଓ ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ।



ଜିଲାପାଳ ଅଭିଯୋଗ ଶୁଣୁଛନ୍ତି ।

## ୭ମ ଅର୍ଥନୈତିକ ସେନସସ ୨୦୧୯ ଶୁଭାରମ୍ଭ

କୋରାପୁଟ,୨୬।୮(ସ୍ୱ.ପ୍ର):

କୋରାପୁଟ ଜିଲାରେ ସୋମବାର ୭ମ ଅର୍ଥନୈତିକ ସେନ୍‌ସସ-୨୦୧୯ ଶୁଭାରମ୍ଭ ହୋଇଛି। ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଅତିରିକ୍ତ ଜିଲାପାଳ ଦେବେନ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ସୋମବାରଠାରୁ ଜିଲାର ସମସ୍ତ ୧୪ଟି ବ୍ଲକ, ୪ ପୌରାଞ୍ଚଳ, ୨୪୦ ଟି ପଞ୍ଚାୟତରେ ଏହି କାର୍ଯ୍ୟ ଆରମ୍ଭ କରାଯାଇଛି । ଗଣନାକାରୀମାନେ ଏହି ସପ୍ତମ ଅର୍ଥନୈତିକ ସେନସସ ପ୍ରସ୍ତୁତି ନେଇ ପ୍ରତି ଘର ଘରକୁ ଯାଇ ସର୍ଭେ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଜଣାଯାଇଛି । ଏହି ଅବସରରେ ଜିଲା ଯୋଜନା ଅଧିକାରୀଙ୍କ ସମେତ ସମସ୍ତ ଡିଏଲସିସି ସଦସ୍ୟ ଓ ସୁପରଭାଇଜର, ଗଣନାକାରୀମାନେ ଉପସ୍ଥିତ ଥିଲେ । କେନ୍ଦ୍ର ସରକାରଙ୍କ ପକ୍ଷରୁ କରାଯାଉଥିବା ଏହି କାର୍ଯ୍ୟକ୍ରମ ନିମନ୍ତେ ପୂର୍ବରୁ ଜିଲାରେ ସମସ୍ତ ଗଣନାକାରୀ ସମସ୍ତ ଡିଏଲସିସି ସଦସ୍ୟ, ସୁପର ଭାଇଜରମାନଙ୍କୁ ଏହି ସେନସସ କିପରି ପ୍ରସ୍ତୁତ କରିବେ, କେଉଁ କେଉଁ ଦିଗ ଉପରେ ଧ୍ୟାନ ଦେବେ ସେ ନେଇ ଜିଲା ଯୋଜନା ବିଭାଗ ପକ୍ଷରୁ ତାଲିମ ପ୍ରଦାନ କରାଯାଇଛି ।

## ବିଭିନ୍ନ ସମସ୍ୟା ନେଇ ଦାବିପତ୍ର



ଅଭିଯୋଗ କରିବାକୁ ଆସୁଥିବା ଜମିହରାମାନେ ।

କୋରାପୁଟ,୨୬।୮(ସ୍ୱ.ପ୍ର)

ବିଭିନ୍ନ ସମସ୍ୟା ନେଇ ସୋମବାର ଦାମନଯୋଡିସ୍ଥିତ ନାଲକୋ ଜମିହରା ସଂଘର ନୂତନ କର୍ମକର୍ତ୍ତାମାନେ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି । ପରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସଂଘ ଭାପତି ସୁରଜ ଶ୍ରୀହରିଆ, ସମ୍ପାଦକ ହୃଷିକେଶ ଟାକ୍ରି, ଉପସଭାପତି ତ୍ରିନାଥ ଚୈଧୁରୀ, ସହ ସମ୍ପାଦକ କିରଣ କୁଲଦୀପ, କୋଷାଧ୍ୟକ୍ଷ କେତନ ଚୌଧୁରୀ ପ୍ରମୁଖ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାଲକୋ ପ୍ରକଳ୍ପ ଯୋଗୁଁ ଜମି ହରାଇଥିବା ମୋଟ ୪୧୬ ଜଣଙ୍କୁ ସ୍ଥାୟୀ ନିଯୁକ୍ତି ଦେବା ଓ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସେମାନଙ୍କୁ ସହାୟତା ପ୍ରଦାନ କରିବା ଲାଗି ଦାବି କରିଛନ୍ତି । ସୂଚନାଥାଉ କି ଯେ, ୨୦୧୪ ରେ ନାଲ୍‌କୋ ଓ ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ୪୧୬ ଜଣ ଜମିହରାଙ୍କୁ ଚିହ୍ନଟ କରାଯାଇଥିଲା । ସେଥିମଧ୍ୟରୁ ୨୩୫ ଜଣ ଜମିହରାଙ୍କୁ ୨୦୧୫ ମାର୍ଚ୍ଚ ୩ ତାରିଖରେ ନାଲକୋ କର୍ତ୍ତୃପକ୍ଷ ସମସ୍ତ ସହାୟତା ପ୍ରଦାନ ଲାଗି ନିଷ୍ପତ୍ତି ନେଇଥିଲେ। ଆଗାମୀ ଦିନରେ ଜିଲା ଆରପିଡିସି ବୈଠକରେ ସଂଘର ଏହି ଦାବୀଗୁଡିକ ଉପରେ ବିଚାର ବିମର୍ଶ କରାଯିବା ସହିତ ବିହିତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି ।

## ବିଦ୍ୟୁତ୍ ଆଘାତରେ ଜଣେ ଗୁରୁତର

ଜୟପୁର, ୨୬।୮( ନି.ପ୍ର)

ଜୟପୁର ବାରିଣିପୁଟ ନିକଟସ୍ଥ ପାଓାର ହାଉସ କଲୋନୀରେ ବିଦ୍ୟୁତ୍ ଆଘାତରେ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି । ସେ ହେଲେ ସୁନ୍ଦର ପରଜା । ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସେ ଲାଇନ୍‌ମ୍ୟାନଙ୍କ ଉପସ୍ଥିତିରେ ଖୁଣ୍ଟ ଉପରେ ଚଢି କାର୍ଯ୍ୟ କରୁଥିଲେ । ଏହି ସମୟରେ ବିଦ୍ୟୁତ୍ ଆଘାତରେ ସେ ଜଳି ଯାଇଥିଲେ । ତାଙ୍କ ଶରୀରର ୫୦ ଭାଗ ପୋଡି ଯାଇଛି । ସେ ସାଉଥ୍‌କୋର କର୍ମଚାରୀ ମଧ୍ୟ ନାହାନ୍ତି । ଲାଇନମ୍ୟାନ ଜଣକ ବାରିଣିପୁଟରେ ନ ରହି ଜୟପୁର ସହରରେ ରହୁଛନ୍ତି। ଏପରି ଭାବରେ ସମସ୍ତ ଲାଇନ ମ୍ୟାନ ଗୋଟିଏ ଗୋଟିଏ ପିଲା କୁ ରଖି ଏମିତି କାର୍ଯ୍ୟ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

■ ଓପେନ କାରାଟେ ପ୍ରତିଯୋଗିତା

## ୩୮ ପଦକ ଜିତିଲେ ସେମିଲିଗୁଡାର ପ୍ରତିଯୋଗୀ

ସେମିଲିଗୁଡା,୨୬।୮(ସ୍ୱ.ପ୍ର)

ଭୁବନେଶ୍ୱରସ୍ଥିତ ମଞ୍ଚେଶ୍ୱର ରେଲୱେ ଇଣ୍ଡୋର ଷ୍ଟାଡ଼ିୟମଠାରେ ଅଖିଳ ଭାରତ ଓପନ କରାଟେ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି । ଗତ ୨୨ ରୁ ୨୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ସେମିଲିଗୁଡା ଦଳ ୩୮ ଟି ପଦକ ଜିତିଛି। ସେଥିମଧ୍ୟରୁ ୧୦ ଟି ସ୍ୱର୍ଣ୍ଣ, ୧୪ ରୌପ୍ୟ ଓ ୧୪ ଟି ବ୍ରୋଞ୍ଜ ପଦକ ରହିଛି। ଏହି ପ୍ରତିଯୋଗିତାରେ ସେମିଲିଗୁଡା ସ୍କୁଲରୁ ୨୦ ଜଣ ଭାଗ ନେଇଥିଲେ। ହର୍ଷଦ କୁମାର, ଆୟୁସ ଅର୍ପିତା, ଦିପ୍ତି ନାମଦେବ, ବବୁଲ ପାଙ୍ଗି, ଶୁଭୟ ନାୟକ, ସ୍ମୃତି ରାଣୀ ବିଷୋୟୀ, ପ୍ରଜ୍ଞାନ ହୋତା, ବିଦେଶୀ ବରାଡ ଓ ସଚିନ ବିଶ୍ୱ କର୍ମା ସ୍ୱର୍ଣ୍ଣ ପଦକ ପାଇଛନ୍ତି । ସେହିପରି ଜି. ଅର୍ଣ୍ଣବ, ଚନ୍ଦନ ପାଙ୍ଗି, ସ୍ମିତା ରାଣୀ, ସାହିଲ ଗରଡା, ହିମାଂଶୁ ଶେଖର ପଣ୍ଡା, ପବନ କୁମାର ବେହେରା, ଆରିୟନ ପଟ୍ଟନାୟକ ରୌପ୍ୟ ପଦକ ପାଇଥିବା ବେଳେ ରାଜେନ୍ଦ୍ର କିଶୋର ସାମଲ, ପବନ କୁମାର ବେହେରା, ସ୍ୱଂୟ ପ୍ରକାଶ ପଣ୍ଡା, ଆରିୟନ ପଟ୍ଟନାୟକ, ସ୍ମୃତିରାଣୀ ବିଷୋୟୀ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏତେ ପଦକ ଜିତି ସ୍କୁଲକୁ ଗୌରବାନ୍ୱିତ କରିଛନ୍ତି । ପିଲାମାନଙ୍କୁ କୋଚ ମହେଶ ବରାଡ ଶୁଭେଚ୍ଛା ଜଣାଇଛନ୍ତି ।




ପଦକ ଜିତିଥିବା ଛାତ୍ରୀଛାତ୍ର ।

■ ଶୁଣିଲାନି ପ୍ରଶାସନ

# ରାସ୍ତା ମରାମତି କଲେ ସାହିବାସିନ୍ଦା

ଜୟପୁର,୨୬।୮(ନି .ପ୍ର)

ନିଜ ଅଞ୍ଚଳର ରାସ୍ତା ମରାମତି ନେଇ ବାରମ୍ବାର ଗୁହାରୀ କଲେ । ହେଲେ ଶୁଣିଲାନି ପ୍ରଶାସନ । ତେଣୁ ବାଧ୍ୟ ହୋଇ ଏକାଠି ହେଲେ ସାହିବାସିନ୍ଦା । ନିଜର ସୁବିଧା ଲାଗି ନିଜେ ରାସ୍ତା ତିଆରି କରିବାକୁ ନିଷ୍ପତ୍ତି ନେଲେ । ସୋମବାର ସାହିବାସିନ୍ଦା ରାସ୍ତା ମରାମତି କରିଛନ୍ତି। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ଜୟପୁରସ୍ଥିତ ପୁରୁଣାଗଡରେ ।

ପୁରୁଣାଗଡ଼ ବ୍ରିଜ ରାସ୍ତା ଅତି ଦୟନୀୟ ଅବସ୍ଥାରେ ରହିଛି । ଏହି ରାସ୍ତା ଉପରେ ପୁରୁଣାଗଡ, କପିଳେଶ୍ୱର ନଗର, ହାତୀଶାଳ ଆଦି ଅଞ୍ଚଳର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକେ ନିର୍ଭର କରନ୍ତି । ଉକ୍ତ ରାସ୍ତା ଦେଇ ଲୋକେ ନୀଳକଣ୍ଠେଶ୍ୱର ମନ୍ଦିର, ଗଣେଶ ମନ୍ଦିର, ଦକ୍ଷିଣକାଳି ମନ୍ଦିର, ଶନି ମନ୍ଦିରକୁ ଯାଇଥାନ୍ତି । ଏବେ ଏହି ରାସ୍ତା ଶୋଚନୀୟ ହୋଇପଡ଼ିଛି। ରାସ୍ତାରେ ଥିବା ବ୍ରିଜ୍ ଅସୁରକ୍ଷିତ ହୋଇପଡ଼ିଛି । ଦୀର୍ଘ ୬ ମାସ ଧରି ଉକ୍ତ ଅଞ୍ଚଳର ଲୋକମାନେ ପୌରପାଳିକା ସହ କୋଲାବ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ତେବେ କୌଣସି ସୁଫଳ ମିଳି ନ ଥିଲା । ଉକ୍ତ ରାସ୍ତା ଖାଲଖମା ହୋଇଯାଇଥିବା ବେଳେ ବ୍ରିଜ୍‌ରେ ବର୍ଷା ହେଲେ ଆଣ୍ଠୁଏ ପାଣି ଜମା ହେଉଛି । କୋଲାବ ଜଳ ପ୍ରକଳ୍ପ ଆରମ୍ଭ ହୋଇଥିବା ସମୟରେ ଏହି ବ୍ରିଜ୍ ନିର୍ମାଣ ହୋଇଥିଲା । ୧୯୮୦ ଦଶକର ଏହି ବ୍ରିଜ୍ ରକ୍ଷଣାବେକ୍ଷଣ ଅଭାବରୁ ଅସୁରକ୍ଷିତ ଅବସ୍ଥାରେ ରହିଛି । ବ୍ରିଜର କିଛି ପାର୍ଶ୍ୱ ସ୍ଥାନରେ ଫାଟ ମଧ୍ୟ ଦେଖାଦେଇଛି । ଏହି ବ୍ରିଜ୍ ଦୁଇ କଡରେ ଜନସ୍ୱାସ୍ଥ୍ୟ ବିଭାଗର ପାଇପ୍ ଲାଇନ ବିଛାଯାଇଛି । ବ୍ରିଜ୍ ଉପରୁ ପାଣି ନିଷ୍କାସନ ପାଇଁ କୌଣସି ଉପାୟ ନାହିଁ । ସୋମବାର ସ୍ଥାନୀୟ ଲୋକେ ରାସ୍ତାରେ ମେଟାଲ ଓ କ୍ରସର ଗୁଣ୍ଡ ସହ ସିମେଣ୍ଟ ପକାଇ ମରାମତି କରିଛନ୍ତି । ଏହାକୁ ସ୍ଥାୟୀ ଭାବେ ମରାମତି କରିବାକୁ ଦାବି କରିଛନ୍ତି ।



ସାହିବାସିନ୍ଦା ରାସ୍ତା ମରାମତି କରୁଛନ୍ତି ।

# ଛତୁଆର ଗୁଣବତ୍ତା ଠିକ୍ ରଖିବାକୁ ନିର୍ଦ୍ଦେଶ

ନବରଙ୍ଗପୁର,୨୬।୮(ବି.ପ୍ର.)



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

■ ପ୍ରତିମାସ ୨୩ରେ ହେବ ଛତୁଆ ମିଶ୍ରଣ, ୧ରେ ବଣ୍ଟନ
■ ସଂଶୋଧିତ ନିୟମାବଳୀ ଅନୁଯାୟୀ ହେବ ଛତୁଆ ମିଶ୍ରଣ
■ ମାତୃ କମିଟି ଓ ଯାଞ୍ଚ କମିଟି ଉପସ୍ଥିତିରେ ଛତୁଆ ବଣ୍ଟନ

ସ୍ଥାନୀୟ ଆଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଜିଲାପାଳ ଅଜିତ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ବୈଠକରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସୁପରଭାଇଜର ଉପସ୍ଥିତ ଥିଲେ । ମମତା ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀ, ଅପପୁଷ୍ଟି ଶିଶୁମାନଙ୍କର ତ୍ରୟମାସିକ ଅଭିବୃଦ୍ଧିର ଏକ ତାଲିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଶିଶୁ ଓ ମାତୃ ମୃତ୍ୟୁହାର ତଥ୍ୟ ଭିତ୍ତିକ ଉପରେ ଆଲୋଚନା ହୋଇଥିଲା । ଜିଲାରେ ଅପପୁଷ୍ଟି, ଗର୍ଭବତୀ, ପ୍ରସୂତିଙ୍କ ପାଇଁ ଯୋଗାଇ ଦିଆଯାଉଥିବା ଛତୁଆର ଗୁଣବତ୍ତା ଓ ମାନକୁ ଠିକ ରଖିବା ପାଇଁ ଉପସ୍ଥିତ କର୍ମକର୍ତ୍ତା, ସୁପରଭାଇଜରମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରତିମାସ ୨୩ ତାରିଖ ଛତୁଆ ମିଶ୍ରଣ ଓ ୧ ତାରିଖରେ ବଣ୍ଟନ ନିମନ୍ତେ ଦିନ ଧାର୍ଯ୍ୟ କରାଯାଇଛି । ସଂଶୋଧିତ ନିୟମାବଳୀ ଅନୁଯାୟୀ ଜିଲାପ୍ରଶାସନର ବରିଷ୍ଠ ଅଧିକାରୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ସିଡିପିଓ କିମ୍ବା ମିଶନ ଶକ୍ତିର ପ୍ରୋଗ୍ରାମ ଅଧିକାରୀଙ୍କ ଉପସ୍ଥିତିରେ ନିର୍ଦ୍ଧାରିତ ପରିମାଣର ସାମଗ୍ରୀ ମିଶ୍ରଣ କରି ଛତୁଆ ପ୍ରସ୍ତୁତ ହେବ । ମାତୃ କମିଟି ଓ ଯାଞ୍ଚ କମିଟି ଉପସ୍ଥିତିରେ ଛତୁଆ ବଣ୍ଟନ କରାଯିବ । ଏହି ପ୍ରକ୍ରିୟା ସହ ଜଡିତ ସମସ୍ତ ଅଧିକାରୀ ନିୟମାବଳୀ ଅନୁମାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ଉପଜିଲାପାଳ କରୁଣାକର ରାଇକା, ଜିଲା ସମାଜ କଲ୍ୟାଣ ଅଧିକାରୀ ନିମାଇ ଚରଣ ସ୍ୱର୍ଣ୍ଣକାର, ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ, ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଓ ପ୍ରୋଗ୍ରାମ ମ୍ୟାନେଜର ଓ ମିଶନ ଶକ୍ତିର କାର୍ଯ୍ୟରତ ଡିପିସି ଉପସ୍ଥିତ ଥିଲେ ।

■ ଅଜଣା ରୋଗ କବଳରେ ୮ ବର୍ଷର ଶିଶୁ

# ବୟସ ତୁଳନାରେ ବଢୁନି ଶରୀର

■ମିଳୁନି ଦିବ୍ୟାଙ୍ଗ ଭତ୍ତା
■ରାଶନ କାର୍ଡରେ ସଂଯୋଗ ହୋଇନି ନାମ

ଚନ୍ଦାହାଣ୍ଡି,୨୬।୮(ଡି.ଏନ.ଏ.)



ଖବରଦାତାଙ୍କ ସହ ଜିପସନଙ୍କ ମା' ବିଡିଓଙ୍କୁ ଅଭିଯୋଗ ଜଣାଉଛନ୍ତି ।

ଜିପସନ୍ ବାଘ । ବୟସ ୮ ବର୍ଷ । ଜନ୍ମ ଠାରୁ ଜିପସନ୍‌ଙ୍କ ଜୀବନ ବିତୁଛି ମାଆ କୋଳରେ । ଜିପସନଙ୍କୁ ୮ ବର୍ଷ ହୋଇଥିଲେ ହେଁ ନା ସେ ବସି ପାରୁଛି , ନା ଚାଲି ପାରୁଛି, ନା କଥା କହି ପାରୁଛି । ଏପର୍ଯ୍ୟନ୍ତ ତାଙ୍କର ଦାନ୍ତ ମଧ୍ୟ ବାହାରି ନାହିଁ । ଧିରେ ଧିରେ ପେଟ ଫୁଲିବାକୁ ଲାଗୁଛି । ଚନ୍ଦାହାଣ୍ଡି ବ୍ଲକ ମହକୁମାସ୍ଥିତ ସଦର ପଞ୍ଚାୟତ ଦଣ୍ଡାମୁଣ୍ଡା ସାହିର ମନୋଜ ବାଘଙ୍କ ପୁଅ ଜିପସନ। ମନୋଜ ଜଣେ ଦିନ ମଜୁରିଆ । ମନୋଜଙ୍କ ପୁଅ ଜିପସନ ୨୦୧୨ ମସିହାରେ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନ୍ମ ଗ୍ରହଣ କରିଥିଲେ। ଜନ୍ମ ହେବା ପରେ ପୁଅର ଶରୀର ବୟସ ତୁଳନାରେ ନ ବଢିବାରୁ ଡାକ୍ତରଖାନାକୁ ନେଇ ଚିକିତ୍ସା କରିଥିଲେ। ବଡ ଡାକ୍ତରଖାନାକୁ ନେବାକୁ ମନୋଜଙ୍କ ନିକଟରେ ଅର୍ଥ ନଥିବାରୁ ପୁଅର ଭାଗ୍ୟକୁ ଆଦରି ଘରେ ରହିଥିଲେ। ଆର୍ଥିକ ଅବସ୍ଥା ଭଲ ନଥିବାରୁ ସରକାରୀ ସହାୟତା ଅପେକ୍ଷାରେ ରହିଛନ୍ତି ବାପା ମାଆ । ବାପା ମାଆ ନିରକ୍ଷର ହୋଇଥିବାରୁ ସରକାରୀ ସହାୟତା ସମ୍ପର୍କରେ ସେମାନେ କିଛି ଜାଣିନାହାନ୍ତି । ଜିପସନଙ୍କ ଅବସ୍ଥା ଏପରି ହୋଇଥିବା ବେଳେ କୌଣସି ନେତା କିମ୍ବା ଗ୍ରାମର ସାମାଜିକ କର୍ମୀ କେହିଁ ମଧ୍ୟ ତାଙ୍କୁ ଦିବ୍ୟାଙ୍ଗ ଭତ୍ତା ଯୋଗାଇ ଦେବାକୁ କୌଣସି ଅଧିକାରୀଙ୍କୁ କହି ନାହାନ୍ତି । ଶେଷରେ ଜିପସନଙ୍କୁ ଗଣମାଧ୍ୟମ ପ୍ରତିନିଧିମାନେ ସାଥୀରେ ଧରି ବିଡିଓଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଶିଶୁଟିକୁ ଦେଖି ସେ ପ୍ରକୃତରେ ପେନସନ ପାଇବା ଯୋଗ୍ୟ ବୋଲି ବିଡିଓ କହିବା ସହ ତୁରନ୍ତ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ଡକାଇ ସମସ୍ତ ଆବଶ୍ୟକିୟ କାଗଜପତ୍ର କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିସହ ଉକ୍ତ ଶିଶୁର ନାମ ରାଶନକାର୍ଡରେ ନଥିବାରୁ ଚଳିତ ମାସ ଠାରୁ ନାମ ସଂଯୋଗ କରି ଚାଉଳ ପ୍ରଦାନ କରାଯିବ ବୋଲି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ପ୍ରତିଶ୍ରୁତି ଦେଇଛନ୍ତି।

# ଅଭିଭାବକ, ଶିକ୍ଷକ ସମ୍ମିଳନୀ

ଡାବୁଗାଁ, ୨୬।୮ (ଡି.ଏନ.ଏ.)–



ସମ୍ମିଳନୀରେ ବିଧାୟକ ମନୋହର ରନ୍ଧାରୀ ଓ ଅନ୍ୟମାନେ ।

ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅଭିଭାବକ ଓ ଶିକ୍ଷକମାନଙ୍କୁ ନେଇ ଏକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅନ୍ତୁ ଜାନୀ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ଯୋଗ ଦେଇ ସରକାରଙ୍କ ଦ୍ୱାରା ବିଭିନ୍ନ ଜନହିତକର ଯୋଜନା, ଛାତ୍ରୀମାନଙ୍କ ପାଠ ପଢା ପାଇଁ ବିଭିନ୍ନ ଯୋଜନା ଓ ସରକାରଙ୍କ ୫–ଟି ଯୋଜନା ବିଷୟରେ ବୁଝାଇଥିଲେ। ଏଥି ସହ ଛାତ୍ରୀମାନଙ୍କ ଦକ୍ଷତା, ସୁରକ୍ଷା, ଶିକ୍ଷା କ୍ଷେତ୍ରରେ ଥିବା ସମ୍ଭାବନା ଓ ଅଭିଭାବକଙ୍କ କର୍ତ୍ତବ୍ୟ ବିଷୟରେ କହିଥିଲେ। ଛାତ୍ରୀମାନଙ୍କ ମଧ୍ୟରୁ ମୁଖ୍ୟମନ୍ତ୍ରୀ ରେବତୀ ହରିଜନ ସ୍ୱାଗତ ଜଣାଇଥିଲେ ଓ ଦୀପ୍ତି ଗଣ୍ଡ ବିଦ୍ୟାଳୟର ସୁବିଧା ଅସୁବିଧା ବିଷୟରେ କହିଥିଲେ। ବିଶେଷ କରି ୩ଟି ସ୍ନାତ୍ତୋକତର ଶିକ୍ଷକ ଓ ଗୋଟିଏ ଗଣିତ ଶିକ୍ଷକ ପଦବୀ ପୂରଣ ଓ ବିଜ୍ଞାନ ପରୀକ୍ଷାଗାର ନିମନ୍ତେ ମୁଖ୍ୟ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସମ୍ମାନୀତ ଅତିଥି ଭାବେ ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷା ଭଗବତୀ ଭତ୍ରା, ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷା ତ୍ରିନାଥ ପ୍ରଧାନୀ, ଏମ. ଆପ୍ପା ରାଓ, ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ମଙ୍ଗଳ ଚରଣ ନାୟକ ଓ ଶିକ୍ଷାବିତ ଅଜୟ ବଲ୍ଲଭ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷୟତ୍ରୀ ଆରତୀ ବିଶୋଇ ଛାତ୍ରୀମାନଙ୍କ ସୁରକ୍ଷା ସମ୍ବନ୍ଧରେ କହିବା ସହିତ ଅଭିଭାବକ ମାନଙ୍କ କର୍ତ୍ତବ୍ୟ ବିଷୟରେ ବୁଝାଇଥିଲେ । ଶିକ୍ଷକ ସନାତନ ଭୋଇ ଛାତ୍ରୀମାନଙ୍କ ଅଧ୍ୟୟନ ନିମନ୍ତେ ଥିବା ବୃତ୍ତିର ବ୍ୟବସ୍ଥା ଉପରେ ବୁଝାଇଥିଲେ। ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ ଛାତ୍ରୀ ମାନଙ୍କ ଅନ୍ତର୍ନିହିତ ଗୁଣର ପରିପ୍ରକାଶ ପାଇଁ ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ କହିଥିଲେ। ଶିକ୍ଷକ ଦୀପ୍ତି ରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ଥମୁନି ଝାଡ଼ାବାନ୍ତି: ପୁଣି ୯ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ସଜନାଗଡ଼,୨୬।୮(ଡି.ଏନ.ଏ.)–

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଝାଡ଼ାବାନ୍ତିର ପ୍ରକୋପ ଥମିବାର ନାଁ ନେଉ ନାହିଁ। ପୂର୍ବରୁ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨ଜଣଙ୍କର ମୃତ୍ୟୁ ଘଟିଥିଲା। ଡାକ୍ତରୀଦଳ ଆସି ଚିକିତ୍ସା କରୁଥିଲେ ମଧ ସୋମବାର ପୁଣି ଭଉଁରିଆବାଡ଼ ପଞ୍ଚାୟତ କୁଡ଼ିମ୍ବପାଳ ଗ୍ରାମରେ ଆଉ ୯ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଆକ୍ରାନ୍ତଙ୍କୁ ନୀଳଗିରି ଡାକ୍ତରଖାନା ଓ ଅଯୋଧ୍ୟା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ନୀଳଗିରିଥାନା ଅଧୀନ କାନପୁର ଗ୍ରାମର ୩ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ନୀଳଗିରି ମେଡ଼ିକାଲକୁ ଆସିଥିବା ଜଣାପଡିଛି। ନଳକୂପ ଓ ପୋଖରି ପାଣି ଦୂଷିତ ହେବା ଯୋଗୁଁ ଝାଡ଼ାବାନ୍ତି ବ୍ୟାପୁଥିବା ଅଭିଯୋଗ ହୋଇଛି। ଉଲ୍ଲେଖନୀୟ ଯେ, ପୂର୍ବରୁ ଗତ ୪ ତାରିଖରେ ଔପଦା ବ୍ଲକ ବାଇଗଡ଼ିଆ ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ାବାନ୍ତିର ଆକ୍ରାନ୍ତ ହୋଇଥିବାବେଳେ ୨ ଜଣଙ୍କର ମୃତ୍ୟୁ ଘଟିଥିଲା। ପରେ ଗତ ୧୬ ତାରିଖରେ ନୀଳଗିରି ବ୍ଲକ ମହିଁଷାପଟ୍ଟା ପଞ୍ଚାୟତର ଶାଳବଣି ଏବଂ କୁଆନାଳୀ ଗ୍ରାମରେ ୯ ଜଣ ବ୍ୟକ୍ତି ଝାଡ଼ାବାନ୍ତିର ଆକ୍ରାନ୍ତ ହୋଇ ଚିକିତ୍ସିତ ହୋଇଥିଲେ।

## ରାସ୍ତାରୁ କଲେଜ ଛାତ୍ରୀ ଅପହୃତ

ଜଳେଶ୍ୱର,୨୬।୮–

ଜଳେଶ୍ୱର ନିକଟସ୍ଥ ୬୦ନଂ. ଜାତୀୟ ରାଜପଥର ରାୟାରାମଚନ୍ଦ୍ରପୁର ବାଇପାସ ନିକଟରୁ ଜନୈକା କଲେଜ ଛାତ୍ରୀଙ୍କୁ କେତେକ ଯୁବକ ଏକ କାର୍‌ରେ ଉଠାଇ ନେଇଥିବା ଛାତ୍ରୀଙ୍କ ପିତା ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରଛନ୍ତି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଛି। ଛାତ୍ରୀଙ୍କ ପିତା କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଅପରାହ୍ନ ୧ଟା ୧୫ମିନିଟ୍ ସମୟରେ ଏକ ଅଜଣା ମୋବାଇଲ ନମ୍ବରରୁ ତାଙ୍କୁ ଫୋନ କରି ତାଙ୍କ ଝିଅର ସାଇକେଲ ଓ ବ୍ୟାଗ ୬୦ନଂ ଜାତୀୟ ରାଜପଥର ରାୟାରାମଚନ୍ଦ୍ରପୁର ବାଇପାସ ରାସ୍ତା କଡ଼ରେ ପଡ଼ିଥିବା କୁହାଯାଇଥିଲା। ସେ ଓ ତାଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚି ଝିଅର ବ୍ୟାଗ୍ ଓ ସାଇକେଲ ପାଇଥିଲେ। କେତେକ ଲୋକ ଜଣେ ଛାତ୍ରୀଙ୍କୁ ଏକ କାର୍‌ରେ ଉଠାଇ ନେଇ ଯାଇଥିବା ଶୁଣି ସେ ଥାନାକୁ ଯାଇ ଜଣାଥିଲେ। ଜଳେଶ୍ୱର ପୋଲିସ ତଦନ୍ତ କରୁଥିଲେ ମଧ ସନ୍ଧ୍ୟା ସୁଦ୍ଧା କାହାରିକୁ ଧରିବାରେ ସକ୍ଷମ ହୋଇ ପାରି ନାହିଁ।









■ କାର୍ଯ୍ୟାଦେଶ ବଣ୍ଟନ ମଞ୍ଚରେ ଜନପ୍ରତିନିଧିଙ୍କ ସହ ଶିକ୍ଷକଙ୍କ ଉପସ୍ଥିତି ଘଟଣା

# ଏବିଇଓଙ୍କୁ ଭାଜପାର ଅଭିଯୋଗ

ଚନ୍ଦାହାଣ୍ଡି,୨୬।୮(ଡି.ଏନ.ଏ.)–



ଏବିଇଓଙ୍କୁ ଭାଜପା କର୍ମକର୍ତ୍ତାମାନେ ଅଭିଯୋଗ କରୁଛନ୍ତି ।

ଚନ୍ଦାହାଣ୍ଡି ବ୍ଲକ ସଭାଗୃହ ଠାରେ ବ୍ଲକ ପ୍ରଶାସନ ତରଫରୁ ପେନସନ ଏବଂ ଆବାସ କାର୍ଯ୍ୟାଦେଶ ପ୍ରଦାନ ରବିବାର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ତରଫରୁ ନବରଙ୍ଗପୁର ଏମପି ରମେଶ ଚନ୍ଦ୍ର ମାଝୀ , ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝୀଙ୍କ ସହ ବ୍ଲକର ସମସ୍ତ ନିର୍ବାଚିତ ଜନପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ସହ ଜନୈକ ଶିକ୍ଷକ ଗୋଟିଏ ମଞ୍ଚରେ ବସିଥିବା ଦେଖିବାକୁ ମିଳିଥିଲା । ଏହାକୁ ନେଇ ସୋମବାର ନବରଙ୍ଗପୁର ଜିଲା ଭାଜପା ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି । ଜିଲା ଭାଜପା ସଭାପତି ଗୋବିନ୍ଦ ଜୈନଙ୍କ ନେତୃତ୍ୱରେ ଚନ୍ଦାହାଣ୍ଡି ମଣ୍ଡଳ ସଭାପତି ପ୍ରତାପଚନ୍ଦ୍ର ବାଘ , ମାଲଗାଁ ମଣ୍ଡଳ ସଭାପତି ଡମ୍ବରୁଧର ମାଝୀ, ଜିଲା ପରିଷଦ ସଭ୍ୟ ଶ୍ୟାମ ସୁନ୍ଦର ମାଝୀ, ଭରତ ବାଘ, କେଦାର ପୁଜାରୀ ପ୍ରମୁଖ ଚନ୍ଦାହାଣ୍ଡି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗ କରିବାକୁ ଯାଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ଭୁବନେଶ୍ୱର ଯାଇଥିବାରୁ ଏବିଇଓ ପ୍ରେମଚାନ୍ଦ ସିଂ ଧୁରୁଆଙ୍କୁ ଭେଟି ସମ୍ପୃକ୍ତ ଶିକ୍ଷକ କିଭଳି ଜନପ୍ରତିନିଧିଙ୍କ ସହ ମଞ୍ଚରେ ବସିଛନ୍ତି ବୋଲି ଅଭିଯୋଗ କରିଥିଲେ । ଏବିଇଓ ଉକ୍ତ ଅଭିଯୋଗ ଜିଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବି ବୋଲି ଭାଜପା ନେତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହାର ତଦନ୍ତ କରାଯିବା ସହ ଉକ୍ତ ଶିକ୍ଷକଙ୍କ ବିରୋଧରେ ୭ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଗଲେ ଭାଜପା ରାଜରାସ୍ତାକୁ ଓହ୍ଲାଇବ ଏବଂ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି । ଉକ୍ତ ଶିକ୍ଷକଙ୍କ ମାଆ ଚନ୍ଦାହାଣ୍ଡି ବ୍ଲକର ଏକ ପଞ୍ଚାୟତର ସରପଞ୍ଚ ହୋଇଥିବାରୁ ଶିକ୍ଷକ ଜଣକ ବିଦ୍ୟାଳୟ ନଯାଇ ସବୁ ବେଳେ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ସହ ଠିକା କାମରେ ବ୍ୟସ୍ତ ରହୁଛନ୍ତି ବୋଲି ଭାଜପା ଅଭିଯୋଗ କରିଛି ।

■ ଜିଲାପାଳଙ୍କ ଅଭିଯୋଗ ଶୁଣାଣି

# ନିର୍ଦ୍ଧାରିତ ସମୟରେ ସରକାରୀ ଯୋଜନା ଶେଷ କରିବାକୁ ଗୁରୁତ୍ୱ

ଝରିଗାଁ, ୨୬।୮(ସ୍ୱ.ପ୍ର)



ଦିବ୍ୟାଙ୍ଗମାନଙ୍କୁ ହ୍ୱିଇଲ ଚେୟାର ପ୍ରଦାନ କରାଯାଉଛି ।

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ଅଜିତ କୁମାର ମିଶ୍ର ୧୫ ଟି ଅଭିଯୋଗର ଶୁଣାଣି କରିଥିଲେ। କୁମ୍ଭିଛାପର ପଞ୍ଚାୟତ ଲୁକାଗୁଡା ଗ୍ରାମର ନରସିଂହ ପୂଜାରୀଙ୍କ ପୁଅ ହେମନ୍ତ (୪) ଶନିବାର ଦୁଇ ଟଙ୍କିଆ ମୁଦ୍ରା ଗିଳି ଦେବାରୁ ଏହା ତଣ୍ଟିରେ ଲାଗି ରହିଛି। ନରସିଂହଙ୍କ ଆର୍ଥିକ ଅବସ୍ଥା ଭଲ ନଥିବାରୁ ପୁଅର ଚିକିତ୍ସା ପାଇଁ ଜିଲାପାଳଙ୍କୁ ଜଣାଇଥିଲେ। ଜିଲାପାଳ ନିଜସ୍ୱ ପକେଟରୁ ଏକ ହଜାର ଟଙ୍କା ଆର୍ଥିକ ସହାୟତା ଦେବା ସହ ତୁରନ୍ତ ହେମନ୍ତଙ୍କୁ କୋରାପୁଟ ମେଡିକାଲ ନେବା ପାଇଁ ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ। ସେହିପରି ପଲସଗାଁ ରମାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ପୁରୁଣା ଶ୍ରେଣୀ ଗୃହ ଶୁକ୍ରବାର ଅପରାହ୍ନରେ ଭାଙ୍ଗି ଯାଇଛି। ଏ ନେଇ ବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟମାନେ ଜିଲାପାଳଙ୍କୁ ସାକ୍ଷାତ କରି ନୂତନ କୋଠା ପାଇଁ ଅଭିଯୋଗ କରିଥିଲେ। ସେହିପରି ଝରିଗାଁ ବ୍ଲକରେ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ଚାଷୀ ସହାୟତା ରାଶି ପାଇନଥିବା ନେଇ ଅଭିଯୋଗ କରିଥିଲେ। ୨ ଶହ ଚାଷୀ ବୀମା ରାଶି ପାଇଥିବା ବେଳେ ୪ଶହ ଚାଷୀ ଆବଶ୍ୟକ କାଗଜପତ୍ର ଦେଇନଥିବା ନେଇ ବ୍ଲକ ଅତିରିକ୍ତ କୃଷି ଅଧିକାରୀ ସୁନିତା ସିଂ କହିଥିଲେ। ଏହାପରେ ଜିଲାପାଳଙ୍କ ଦ୍ୱାରା ୬ ଜଣ ଭିନ୍ନକ୍ଷମଙ୍କୁ ହୁଇଲ୍ ଚେୟାର, ଦିବ୍ୟାଙ୍ଗ ଦମ୍ପତିଙ୍କୁ ବିବାହ ପୋତ୍ସାହନ ୫୦ ହଜାର ଟଙ୍କା ଚେକ ମାଧ୍ୟମରେ ଦିଆଯାଇଥିଲା। ସେହିପରି ଜଣେ ହିତାଧିକାରୀଙ୍କୁ ୧୫ ହଜାର ଟଙ୍କାର ଡିଆରଆଇ ଋଣ୍ ପ୍ରଦାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା , ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ପାର୍ଥଜିତ ମଣ୍ଡଳ ଉପସ୍ଥିତ ଥିଲେ। ଏହାପରେ ଜିଲାପାଳ, ଡିଏଫଓ ରଞ୍ଜିତ କୁମାର ମଲିକ , ସିଡିଏମଓ, ପିଡି ଡିଆରଡିଏ, ବିଡିଓ ଦେବେନ୍ଦ୍ର ବାହାଦୂରସିଂ ଧରୁଆଙ୍କ ସହ ସମସ୍ତ ଜିଲା ଅଧିକାରୀ ଭିକ୍ଷା ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସରକାରଙ୍କ ସମସ୍ତ ଯୋଜନା ଗୁଡିକ କିପରି ଠିକ ସମୟରେ କାର୍ଯ୍ୟକାରି ହୋଇ ପାରିବ ଏବଂ ପ୍ରକୃତ ହିତାଧିକାରୀ କିପରି ଯୋଜନାର ଲାଭ ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ଜିଲାପାଳ କହିଥିଲେ। ପ୍ରତ୍ୟେକ ଆର୍ଥିକ ବର୍ଷରେ ପଞ୍ଚାୟତରେ କରାଯାଉଥିବା ସମସ୍ତ କାର୍ଯ୍ୟର ତାଲିକା ପ୍ରସ୍ତୁତ କରାଯାଇ କାର୍ଯ୍ୟାଳୟର କାନ୍ଥରେ ତୁରନ୍ତ ଲେଖାଯାଉ। ଫଳରେ ପଞ୍ଚାୟତରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ସାଧାରଣ ଲୋକେ ଜାଣିପାରିବେ। ସେହିପରି ପଞ୍ଚାୟତକୁ ଆସୁଥିବା ପିଡିଏସ ଚାଉଳରେ କିପରି ଅନିୟମିତତା ହେବ ନାହିଁ ସେଥିପ୍ରତି ଗୁରୁତ୍ୱ ଦେବା ନେଇ ଆଲୋଚନା ହୋଇଥିଲା। ନିରାମୟ ଯୋଜନାରେ ମେଡିସିନ ପାଇ ପାରୁଛନ୍ତି କି ନାହିଁ ଜିଲାପାଳ ଗ୍ରାମବାସୀଙ୍କୁ ପଚାରି ବୁଝିଥିଲେ। ବିଦ୍ୟୁତ ସେବାରୁ ବଞ୍ଚିତ ହେଉଥିବା ନେଇ ଉପସ୍ଥିତ ଲୋକ ମାନେ ଅଭିଯୋଗ କରିଥିଲେ। ରାଜ୍ୟ ସରକାରଙ୍କ ରହିଥିବା ୫ ଟି ସମ୍ପର୍କରେ ଲୋକଙ୍କୁ ଜିଲା ପ୍ରଶାସନ ଅବଗତ କରାଇଥିଲା । ପଲ୍ଲୀସଭାରେ ଗ୍ରାମରେ ହେବାକୁ ଥିବା ଉନ୍ନୟନ ମୂଳକ କାର୍ଯ୍ୟର ଖସଡା ପ୍ରସ୍ତୁତ କରାଯାଇ ତାହା କିପରି ଠିକ୍ ସମୟରେ କାର୍ଯ୍ୟକାରି ହୋଇପାରିବ ଏବଂ ଦାଦନ ଶ୍ରମିକକୁ ସମ୍ପୂର୍ଣ୍ଣ ଲୋପ କରିବା ନେଇ ଜିଲ୍ଲା ପ୍ରଶାସନ ଦୃଢ ପଦେକ୍ଷପ ନେଇଥିବା ଡିଆରଡିଏ ପିଡି ରମାକାନ୍ତ ନାୟକ କହିଥିଲେ। ଭିକ୍ଷା ପଞ୍ଚାୟତରେ ରହିଥିବା ସମସ୍ୟା ନେଇ ଜିଲାପାଳଙ୍କୁ ସରପଞ୍ଚ ଅବଗତ କରାଇଥିଲେ। ବର୍ଷା ହେଲେ ଭିକ୍ଷା ପୋଲ ଉପରେ ପାଣି ବଢୁଥିବା ବେଳେ ଯାତାୟତ ବାଧାପ୍ରାପ୍ତ ହେଉଛି। ଏହା ବିପଦସଙ୍କୁଳ ଅବସ୍ଥାରେ ରହିଛି। ସେହିପରି ଭିକ୍ଷା ଦେଓ୍ୱାନ ସାହି ଠାରୁ କୋଦଭଙ୍ଗା ଛକ ପର୍ଯ୍ୟନ୍ତ ପକ୍କା ରାସ୍ତା କରାଯିବାକୁ ପଞ୍ଚାୟତବାସୀ ଅଭିଯୋଗ ଜଣାଇଥିଲେ ।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

## ସଂକ୍ଷେପରେ

### ଜୁଆ ଆଡ୍ଡାରେ ଚଢ଼ାଉ: ୧୦ ଗିରଫ
#### ୫୪,୭୨୦ ଟଙ୍କା, ୧୩ ମୋବାଇଲ, ୫ ବାଇକ୍ ଜବତ



**ଗୁଣପୁର,୨୬।୮(ଡି.ଏନ୍.ଏ.)-**ରାୟଗଡା ଜିଲା ପଦ୍ମପୁର ଥାନା ଅଧୀନ ଖିଲାପଦର ଗ୍ରାମ ରାସ୍ତାରେ ଥିବା ମଦନ ସାହୁଙ୍କ ଟେଣ୍ଟ ହାଉସ୍ ଗୋଦାମରେ ଜୁଆ ଖେଳ ଚାଲୁଥିବା ନେଇ ପୋଲିସ ଖବର ପାଇଥିଲା। ଗୁଣପୁର ଏସ୍‌ଡିପିଓ ରାଜକିଶୋର ଦାସ ନେତୃତ୍ୱ ଏବଂ ପଦ୍ମପୁର ପୋଲିସ ସହାୟତାରେ ସେଠାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ୧୦ ଜଣଙ୍କୁ ଗିରଫ କରାଯାଇଥିଲା। ସେମାନେ ହେଲେ ଗଣେଶ ସାହୁ, ଓଡି.ହେମା ରାଓ, ମଦନ ସାହୁ, ରବୀନ୍ଦ୍ର ସାହୁ, ଅଜିତ ପାଢ଼ୀ, ଅରୁଣ ପାଢ଼ୀ, ତ୍ରିନାଥ ପାଢ଼ୀ, ଋତୁପୂର୍ଣ୍ଣ ସାହୁ, ନବଘନ ପଟ୍ଟନାୟକ ଏବଂ ସତ୍ୟଜିତ ଗମାଙ୍ଗ। ସେଠାରୁ ୫୪,୭୨୦ ଟଙ୍କା, ୧୩ ମୋବାଇଲ, ୫ ବାଇକ୍ ଜବତ କରାଯାଇଥିବା ଏସଡିପିଓ ରାଜ କିଶୋର ଦାସ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ। ଏହି ଚଢ଼ାଉରେ ଗୁଣପୁର ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ ସାମିଲ ହୋଇଥିଲେ।

### ଲକ୍ଷ୍ମୀ, ଦକ୍ଷିଣକାଳୀ ପୂଜା ପ୍ରସ୍ତୁତି ବୈଠକ

**ଗୁଣପୁର, ୨୬।୮(ଡି.ଏନ.ଏ)** ରାୟଗଡା ଜିଲା ଗୁଣପୁରର ସହର ବାବୁଲି ନଗର ଏବଂ ବୃନ୍ଦାବତୀ ନଗର ପୂଜା କମିଟି ପକ୍ଷରୁ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ପୂଜା କମିଟି ସଭାପତି ଜଗନ୍ନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଚଳିତ ବର୍ଷ ପୂଜା କିପରି ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ରଜନୀ ପଟ୍ଟନାୟକ, ନରସିଂହ ଶତପଥୀ, ତ୍ରିନାଥ ପାଣିଗ୍ରାହୀ, ଦୁର୍ଗା ପାଣିଗ୍ରାହୀ, ଦୀପକ ପଟ୍ଟନାୟକ, ବୁଲୁ ପାଢ଼ୀ, ଶିବ ଗୌଡଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ପୂଜା ପାଳନ ସମ୍ପର୍କରେ ମତାମତ ଦେଇଥିଲେ। ସେହିପରି ଆଇଟିଡିଏ ଅଫିସ ନିକଟରେ ହେଉଥିବା ମା' ଦକ୍ଷିଣକାଳୀଙ୍କ ପୂଜା ଚଳିତ ବର୍ଷ ୧୩ ବର୍ଷରେ ପଦାର୍ପଣ କରିଛି। ଏଥିଲାଗି ଏକ ପ୍ରସ୍ତୁତି ବୈଠକ ସଭାପତି ବି.ଲକ୍ଷ୍ମୀ ନାରାୟଣଙ୍କ ଅଧ୍ୟକ୍ଷତାରେ କୋର୍ଟ ନିକଟ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ସୀମାଞ୍ଚଳ କର, ବିମଳ ମିଶ୍ର, ବାବୁଲି ଖାଡାଙ୍ଗା, ଗଣେଶ୍ୱର ଶତପଥୀ, ନୀଳମାଧବ ଦାସ, ଗିଙ୍କୁ ଦାସ, ଟୁନା ବେହେରା ପ୍ରମୁଖ ଉପସ୍ଥିତ ରହି ନିଜ ମତ ରଖିଥିଲେ।

### ଦୁର୍ଘଟଣାରେ ଆହତ ବାଇକ ଆରୋହୀଙ୍କ ମୃତ୍ୟୁ

ଖଇରା,୨୬।୮(ଡି.ଏନ୍.ଏ.)- ଡୁଙ୍ଗୁରାଠାରେ ବାଇକ ଦୁର୍ଘଟଣାରେ ଗୁରୁତର ଆହତ ହୋଇ କଟକର ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଥିବା ଖଇରା ଥାନା କବର ଗ୍ରାମର ନରେନ୍ଦ୍ର ଗାହାଣଙ୍କର ସୋମବାର ସକାଳେ ପରଲୋକ ହୋଇଯାଇଛି। ଗତ ୨୦ତାରିଖ ଅପରାହ୍ନରେ ନରେନ୍ଦ୍ର ନିଜ ଶ୍ୱଶୁର ଘର ତେନ୍ତୁଳିଆ ଗ୍ରାମରୁ କାମ ସାରି ବାଇକରେ ଫେରୁଥିବା ବେଳେ ଡୁଙ୍ଗୁରା ବାରାପୁର ମଝି ରାସ୍ତାରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ତଳେ ପଡି ସଜ୍ଞାହୀନ ହୋଇ ଯାଇଥିଲେ।

■ ମୁଖ୍ୟମନ୍ତ୍ରୀଙ୍କ ଫୋକସ୍‌ରେ ନବରଙ୍ଗପୁର-ମାଲକାନଗିରି ରେଳପଥ

# ଗୁଣପୁର-ଥେରୁବାଲି ରେଳପଥକୁ ଅଣଦେଖା

**ଗୁଣପୁର,୨୬।୮(ଡି.ଏନ.ଏ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଦିଲ୍ଲୀ ଗସ୍ତରେ ନବରଙ୍ଗପୁର-ମାଲକାନଗିରି ରେଳପଥକୁ ପ୍ରାଥମିକତା ଦେଇଛନ୍ତି। ନବରଙ୍ଗପୁର ଏବଂ ମାଲକାନଗିରି ରେଳପଥ ପାଇଁ ଆବଶ୍ୟକ ଜମି ରାଜ୍ୟ ସରକାର ମାଗଣାରେ ଯୋଗାଇ ଦେବେ। ଏଥିସହ ଏହି ପ୍ରକଳ୍ପ ପାଇଁ ଆବଶ୍ୟକ ଟଙ୍କା ମଧ୍ୟ ରାଜ୍ୟ ସରକାର ଯୋଗାଇଦେବେ, ଯାହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ହେଲେ ନୌପଡା ଗୁଣପୁର ଶତାୟୁ ରେଳପଥରୁ ଥେରୁବାଲିକୁ ରେଳ ସଂଯୋଗ କରିବା ନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ପାଖରେ କୌଣସି ଦାବି ରଖି ନ ଥିଲେ, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ଗୁଣପୁର ନୌପଡା ରେଳପଥ ୧୯୦୦ ମସିହାରେ ଗଜପତି ରାଜାଙ୍କ ଉଦ୍ୟମ କ୍ରମେ ପାରଳାଖେମୁଣ୍ଡି ପର୍ଯ୍ୟନ୍ତ ନ୍ୟାରୋଗେଜ ଧାରଣାରେ ରେଳ ଚଳାଚଳ କରିଥିଲା। ଏହାପରେ ୧୯୩୬ରେ ପାରଳାଖେମୁଣ୍ଡିରୁ ଗୁଣପୁର ପର୍ଯ୍ୟନ୍ତ ଉକ୍ତ ନ୍ୟାରୋଗେଜ ଧାରଣାରେ ରେଳ ଚଳାଚଳ କରିଥିଲା। ୨୦୦୨ରେ ନୌପଡା ଗୁଣପୁର ରେଳପଥ ବ୍ରଡଗେଜ୍ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ୨୦୧୧ ଅଗଷ୍ଟ ୨୧ରେ ଏହି ରେଳପଥରେ ଟ୍ରେନ ଚଳାଚଳ ହୋଇଥିଲା। ଏଥିରେ ପ୍ରଥମେ ଗୁଣପୁର-ପୁରୀକୁ ଟ୍ରେନ ଚାଲିଥିଲା। କିନ୍ତୁ ଏଠାରୁ ଥେରୁବାଲିକୁ ରେଳ ସଂଯୋଗ ପାଇଁ ଦୀର୍ଘ ଦିନରୁ ଦାବି ହୋଇ ଆସୁଥିଲେ ମଧ୍ୟ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଏହାକୁ ଅଣଦେଖା ତଥା ଅବହେଳା କରି ଆସୁଛନ୍ତି ବୋଲି ଅଭିଯୋଗ ହୋଇଛି। ଏହା ମଧ୍ୟରେ ୨୦୧୭-୧୮ ସାଧାରଣ ବଜେଟ୍‌ରେ କେନ୍ଦ୍ର ସରକାର ୭୯.୧୫ କିମି ଦୂରତା ବିଶିଷ୍ଟ ଗୁଣପୁର-ଥେରୁବାଲି ରେଳପଥ ପାଇଁ ୯୩୫.୭୨କୋଟି ଟଙ୍କା ଘୋଷଣା କରିଥିଲେ। କିନ୍ତୁ ଦୁଇ ବର୍ଷ ପରେ ମଧ୍ୟ ଏହି ରେଳପଥରେ କୌଣସି କାର୍ଯ୍ୟ ଆରମ୍ଭ ହୋଇ ପାରି ନ ଥିଲା। ଏହି ରେଳପଥରେ ନିର୍ମାଣ କାର୍ଯ୍ୟ କାହିଁକି ବିଳମ୍ବ ହେଉଛି ବୋଲି କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା ଜୁଲାଇ ୨ ତାରିଖରେ ସଂସଦରେ ପ୍ରଶ୍ନ ଉଠାଇଥିଲେ। ଏହି ପ୍ରକଳ୍ପ ଲାଭଦାୟକ ନୁହେଁ। ବର୍ତ୍ତମାନ ପ୍ରକଳ୍ପ ବ୍ୟୟ ୧୨୭୩.୭୪ କୋଟି ଟଙ୍କା ହୋଇଛି। ଏହାର ରେଟ ଅଫ ରିଟର୍ନ-୩.୧୯ ପ୍ରତିଶତ। ଏ ପରିସ୍ଥିତିରେ ରାଜ୍ୟ ସରକାର ମାଗଣା ଜମି ସହ ପ୍ରକଳ୍ପ ଖର୍ଚ୍ଚ ଅଧା ବହନ କରିବାକୁ ରେଳ ବିଭାଗ ରାଜ୍ୟ ସରକାରଙ୍କୁ ପତ୍ର ଦ୍ୱାରା ଜଣାଇଛନ୍ତି। ବିଲ୍ ଏବେ ରାଜ୍ୟ ସରକାରଙ୍କ ପାଖକୁ ଆସିଯାଇଛି ବୋଲି ଏହାର ଜବାବରେ ରେଳ ବିଭାଗ ଉତ୍ତର ରଖି କହିଥିଲା। ଏପରି ଘଟଣାକ୍ରମ ମଧ୍ୟରେ ଗୁଣପୁର-ଥେରୁବାଲି ରେଳପଥର ଭାଗ୍ୟ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ରାଜ୍ୟ ସରକାର ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କଲେ ହିଁ ଯାଇ ଗୁଣପୁର-ଥେରୁବାଲି ରେଳପଥ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି। ଏହା ୭୦ ବର୍ଷର ଦାବି। ଗୁଣପୁର-ଥେରୁବାଲି ରେଳପଥ ଗଜପତି ମହାରାଜାଙ୍କ ସ୍ୱପ୍ନ ଥିଲା। ବିଜୁ ପଟ୍ଟନାୟକଙ୍କ ପାଇଁ ମଧ୍ୟ ଏହା ଡ୍ରିମ୍ ପ୍ରୋଜେକ୍ଟ ଥିଲା। ଏଣୁ ଗୁଣପୁର-ଥେରୁବାଲି ରେଳପଥକୁ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରାଥମିକତା ଦେଇଥିଲେ ଭଲ ହୋଇ ଥାଆନ୍ତା। ଏହି ପ୍ରକଳ୍ପ ଦ୍ୱାରା ଅବିଭକ୍ତ କୋରାପୁଟ ଜିଲା ସହ ଦେଶର ବିଭିନ୍ନ ଅଞ୍ଚଳକୁ ରେଳପଥ ଦ୍ୱାରା ସଂଯୋଗ ହୋଇପାରିବ ବୋଲି ନବ ନିର୍ମାଣ ସମିତିର ଅଧ୍ୟକ୍ଷ ଅକ୍ଷୟ ଦାସ ମତ ଦେଇଛନ୍ତି।

## ବଡ଼ନାଳ ଜଳଭଣ୍ଡାରରୁ ଛଡାଗଲା ପାଣି



**ପଦ୍ମପୁର,୨୬।୮(ଡି.ଏନ୍.ଏ.)-**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକସ୍ଥିତ କେନ୍ଦୁଗୁଡ଼ା ବଡ଼ନାଳ ପ୍ରୋଜେକ୍ଟ ଜଳଭଣ୍ଡାରରୁ ସୋମବାର ସନ୍ଧ୍ୟାରେ ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ କରାଯାଇଛି। ସାଇରନ୍ ବଜାଇ ପ୍ରଥମେ ସଚେତନ କରାଯିବା ପରେ ଜଳଭଣ୍ଡାରର ଗେଟ୍ ଖୋଲାଯାଇଥିଲା। ଏହି ପାଣି ବଂଶଧାରା ନଦୀକୁ ଛଡାଯାଇଛି। ବଡ଼ନାଳ ପ୍ରୋଜେକ୍ଟ(କେନ୍ଦୁଗୁଡ଼ା) ଜଳପତ୍ତନ ୧୭୫.୯୧ ମି. ହେବା ପରେ ଜଳ ଭଣ୍ଡାରର ସୁରକ୍ଷା ଦୃଷ୍ଟିରୁ ଏହାର ଗେଟ୍ ଖୋଲାଯାଇ ପାଣି ଛଡ଼ାଯାଇଛି। ଜଳପତ୍ତନ ଲେଭଲ୍ ୧୭୫.୬୫ ପହଞ୍ଚିବା ପର୍ଯ୍ୟନ୍ତ ଜଳଭଣ୍ଡାରରୁ ପାଣି ଛଡାଯିବ। ହରଭଙ୍ଗୀ ଜଳସେଚନ ବିଭାଜନ (ଅଡ଼ବା) ଗଜପତି କାର୍ଯ୍ୟାଳୟରୁ ନିର୍ବାହୀ ଯନ୍ତ୍ରୀ ନଗେନ୍ଦ୍ର ନାଥ ମହାରଣା ପାଣି ଛଡାଯିବା ନେଇ ଗତ ୧୭ ତାରିଖରେ ରାୟଗଡା ଓ ଗଜପତି ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀଙ୍କୁ ଚିଠି ମାଧ୍ୟମରେ ସୂଚନା ଦେଇଥିଲେ। ନଦୀକୂଳକୁ ରାତିରେ ଲୋକ ନ ଯିବାକୁ ବାରଣ କରାଯାଇଥିଲା। ଏଥିସହ ଗୃହପାଳିତ ପଶୁଙ୍କୁ ନ ଛାଡ଼ିବାକୁ ବାରଣ କରାଯାଇଥିଲା। ସୋମବାର ଉପରମୁଣ୍ଡରେ ପ୍ରବଳ ବର୍ଷା ପରେ ଜଳପତ୍ତନ ବୃଦ୍ଧିକୁ ଲକ୍ଷ୍ୟକରି ପ୍ରଶାସନକୁ ସତର୍କ କରାଯାଇ ଜଳ ଭଣ୍ଡାରରୁ ପାଣି ଛଡ଼ାଯାଇଛି। ଏହି ଜଳ ନିଷ୍କାସନ ସମୟରେ ଅଡ଼ବା ନିର୍ବାହୀ ଯନ୍ତ୍ରୀ ନଗେନ୍ଦ୍ର ନାଥ ମହାରଣା, ପଦ୍ମପୁର ତହସିଲଦାର ନୀଳ ମାଧବ ମାଝି, ଯନ୍ତ୍ରୀ ପ୍ରଦୀପ ସାହୁ, ଯନ୍ତ୍ରୀ ବନବିହାରୀ ପଣ୍ଡା, ଏମ୍.ଏମ୍. ରାଓଙ୍କ ସହ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

## ଶ୍ରୀପଦ୍ଧତି, ଧାଡିରୁଆ ପ୍ରଣାଳୀରେ ଧାନ ଚାଷ ତାଲିମ



ଶ୍ରୀପଦ୍ଧତିରେ ଧାନ ଚାଷ ସମ୍ବନ୍ଧରେ ତାଲିମ ଦିଆଯାଉଛି।

**ଗୁଣପୁର,୨୬।୮(ଡି.ଏନ୍.ଏ.)**

ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକ ଗାହିହେଡା ଏବଂ ମେରିଆପେଟା ଗ୍ରାମକୁ ନେଇ ଗଠିତ ଗଙ୍ଗାଯମୁନା ଜଳ ବିଭାଜିକା ଗ୍ରାମ୍ୟ ଉନ୍ନୟନ ସମିତି ଆନୁକୂଲ୍ୟରେ ଧାନର ଧାଡି ରୁଆ ଏବଂ ଶ୍ରୀପଦ୍ଧତି ପ୍ରଣାଳୀରେ ଚାଷ ସମ୍ବନ୍ଧୀୟ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡିଶା ଅନୁସୂଚିତ ଜନଜାତି ସଶକ୍ତୀକରଣ ଓ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଏବଂ ଗୁଣପୁର ଆଇଟିଡିଏ ଦ୍ୱାରା ପ୍ରତ୍ୟକ୍ଷ ପରିଚାଳିତ ଚନ୍ଦ୍ରପୁର ୟୁନିଟ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କୃଷି ସମ୍ପ୍ରସାରଣ ଅଧିକାରୀ ଏଲ.ସତ୍ୟନାରାୟଣ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଭୀମ ଗଗରେଙ୍ଗା ଏବଂ ଅକ୍ଷୟ କୁମାର ରଥ ଉପସ୍ଥିତ ଥିଲେ।

## ୫-ଟି ସମ୍ବନ୍ଧୀୟ ବୈଠକ

**ରାୟଗଡ଼ା ଅଫିସ, ୨୬।୮**

ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ୫-ଟିକୁ କାର୍ଯ୍ୟକାରୀ କରିବାକୁ ନେଇ ବ୍ଲକସ୍ତରୀୟ ପରିଚାଳନା ବୈଠକ ସୋମବାର ବ୍ଲକ ଅଫିସ ସଦ୍‌ଭାବନା କକ୍ଷରେ ଅନୁଷ୍ଠିତ ହୋଇଛି। ବିଡିଓ ରାଜେନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଏବିଇଓ ନରସିଂହ ପଟ୍ଟନାୟକ ଅତିରିକ୍ତ ତହସିଲଦାର ସୁନୀଲ ଖରା, ସ୍ୱାସ୍ଥ୍ୟାଧିକାରୀ ବିଶ୍ୱନାଥ ସେନାପତି, ରାୟଗଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ପେଦେଣ୍ଡି ରାମୁଲୁ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ୫-ଟି ଯଥା, ଟାଇମ୍(ସମୟ), ଟେକ୍ନୋଲୋଜି (ପ୍ରଯୁକ୍ତି ବିଦ୍ୟା), ଟିମ୍‌ୱାର୍କ(ଦଳଗତ କାର୍ଯ୍ୟ), ଟ୍ରାନ୍ସପରେନ୍ସି(ସ୍ୱଚ୍ଛତା), ଟ୍ରାନ୍ସଫର୍‌ମେଶନ(ରୂପାନ୍ତିକରଣ) ଉପରେ ବୁଝା ଯାଇଥିଲା। ଏଥିରେ ପ୍ରତ୍ୟେକ ବିଭାଗରୁ ଜଣେ ଲେଖାଏଁ ଅଧିକାରୀ ଉପସ୍ଥିତ ଥିଲେ। ପ୍ରତ୍ୟେକ ପଞ୍ଚାୟତରେ ପ୍ରତି ସୋମବାର ବିଭିନ୍ନ ସମସ୍ୟାକୁ ଆଲୋଚନା କରାଯାଇ ସମାଧାନ ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ଅନ୍ୟମାନଙ୍କ ମଧ୍ୟରେ ପଶୁଧନ ଅଧିକାରୀ ବଳରାମ ହୁଇକା, ମିନାକ୍ଷୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ୮ ଚୋରା ବାଲି ବୋଝେଇ ଡମ୍ପର ଜବତ

**ଜଳେଶ୍ୱର,୨୬।୮**

ସୁବର୍ଣ୍ଣରେଖା ନଦୀରେ ବନ୍ୟାପାଣି ଆସିଥିବାରୁ ବାଲି ଖାଦାନଗୁଡ଼ିକ ବନ୍ଦ ହୋଇଯାଇଛି। ଖାଦାନ ମାଲିକମାନେ ପୂର୍ବରୁ ଉଠାଇ ରଖିଥିବା ବାଲିକୁ ବର୍ତ୍ତମାନ ପଡୋଶୀ ପଶ୍ଚିମବଙ୍ଗ ରାଜ୍ୟକୁ ଚୋରା ଚାଲାଣ କରି ଚଢ଼ା ଦାମ୍‌ରେ ବିକ୍ରି କରୁଛନ୍ତି। ଏଭଳି ସୂଚନାକୁ ଆଧାର କରି ଜଳେଶ୍ୱର ଥାନା ପୋଲିସ ସୋମବାର ଚଢ଼ାଉ କରି ୮ଟି ଚୋରା ବାଲି ବୋଝେଇ ଡମ୍ପର ଜବତ କରିବା ସହ ଗାଡିର ଡ୍ରାଇଭର ଓ ହେଲପରମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗାଡ଼ିଗୁଡ଼ିକ ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନୀପୁର ଜିଲା କଣ୍ଟାଇ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି।

■ ସପ୍ତମ ଅର୍ଥନୈତିକ ଜନଗଣନା ଶୁଭାରମ୍ଭ

# ୭୦୦ ତଥ୍ୟ ସଂଗ୍ରହକାରୀ ନିୟୋଜିତ

**ରାୟଗଡା ଅଫିସ, ୨୬।୮-**

ସପ୍ତମ ଅର୍ଥନୈତିକ ଜନଗଣନା (ଏସ୍‌ଇସି)କୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଚିନ୍ତନ କକ୍ଷରେ ସୋମବାର ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପରିସଂଖ୍ୟାନ ମନ୍ତ୍ରଣାଳୟ ପକ୍ଷରୁ ଦେଶର ସମସ୍ତ ଅର୍ଥନୈତିକ ପ୍ରତିଷ୍ଠାନର ଗଠନ ପ୍ରଣାଳୀ ଓ କାର୍ଯ୍ୟ କରୁଥିବା ପଦ୍ଧତି ଉପରେ ଏକ ହାରାହାରି ହିସାବ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି। ତଥ୍ୟ ସଂଗ୍ରହ ଓ ଅର୍ଥନୈତିକ ଜନଗଣନା ପ୍ରସ୍ତୁତି ନିମନ୍ତେ ପରିସଂଖ୍ୟାନ ମନ୍ତ୍ରଣାଳୟ ଓ ଆଇ ଆଣ୍ଡ ବି ପକ୍ଷରୁ ବୈଷୟିକ ଜ୍ଞାନକୌଶଳ, ମାନବ ସମ୍ବଳ ପ୍ରଦାନ କରାଯିବ। ସୋମବାର ରାୟଗଡାରେ ଏହାର ଶୁଭାରମ୍ଭ ହୋଇଛି। ୭୦୦ଜଣ ତଥ୍ୟ ସଂଗ୍ରହକାରୀ ଓ ୧୩୦ଜଣ ସୁପରଭାଇଜରଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇଛି। ତଥ୍ୟ ସଂଗ୍ରହକାରୀମାନେ ପ୍ରତ୍ୟେକ ଘର ଓ ଅର୍ଥନୈତିକ ଅନୁଷ୍ଠାନକୁ ଯାଇ ଏକ ସ୍ମାର୍ଟ ଫୋନ ଓ ଆପ୍ ମାଧ୍ୟମରେ ତଥ୍ୟ ସଂଗ୍ରହ କରିବେ। ଉକ୍ତ ତଥ୍ୟ ଓ ପରିସଂଖ୍ୟାନର ଗୋପନୀୟତା ରଖାଯିବ। ସଂଗୃହୀତ ତଥ୍ୟକୁ ରାଜ୍ୟ ଓ କେନ୍ଦ୍ର ସରକାର କେବଳ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ବ୍ୟବହାର କରିବେ। ସଂଗ୍ରହକାରୀଙ୍କ ଦ୍ୱାରା ଅଣାଯାଇଥିବା ତଥ୍ୟକୁ ସୁପରଭାଇଜର ଆବଶ୍ୟକସ୍ଥଳେ ପୁଣି ଥରେ ତର୍ଜମା କରିବେ। ଏ ନେଇ ସାଧାରଣ ଲୋକଙ୍କର କୌଣସି ସନ୍ଦେହ ବା ତଥ୍ୟ ଜାଣିବାକୁ ହେଲେ ଦେୟମୁକ୍ତ ନମ୍ବର ୧୮୦୦୩୦୦୩୧୬୮କୁ ଯୋଗାଯୋଗ କରିପାରିବେ। ନଚେତ ସପ୍ତମ ଅର୍ଥନୈତିକ ୱେବ ପେଜ୍‌ରେ ଅନୁସନ୍ଧାନ କରିପାରିବେ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ବିଡିଓ ରାଜେନ୍ଦ୍ର କୁମାର ମାଝି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଜନା ଅଧିକାରୀ ଭାସ୍କର ଚନ୍ଦ୍ର ଜେନା, ଜିଲା ପରିସଂଖ୍ୟାନ ଅଧିକାରୀ ପ୍ରତିବନ୍ଧନ ସେଠୀ, ଯୁଧିଷ୍ଠିର ଶବର, ଶ୍ରୀକାନ୍ତ କୁମାର ପାତ୍ର, ଶୁଶ୍ରାଜିତ ବିଶ୍ୱାଳ, ସହକାରୀ ପରିସଂଖ୍ୟାନ ଅଧିକାରୀ ଭି. ଆଚାରୀ, ତଥ୍ୟ ସଂଗ୍ରହକାରୀ ସୁପରଭାଇଜର ପ୍ରମୁଖ ଉପସ୍ଥିତ ଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀ।

## ଅଦାଲତ, ସ୍କୁଲରେ ଚାରାରୋପଣ

**ରାୟଗଡ଼ା ଅଫିସ, ୨୬।୮-**

ରାୟଗଡ଼ା ଜିଲା ଅଦାଲତ ପରିସରରେ ସୋମବାର ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ତତ୍ତ୍ୱାବଧାନ ନେଇଥିଲେ ଜିଲା ଓ ଦୌରାଜଜ୍ ସୋମଶେଖର ଜେନା। ଏଥିରେ ବିଚାର ବିଭାଗୀୟ ଅଧିକାରୀ, କର୍ମଚାରୀଙ୍କ ସମେତ ରାୟଗଡ଼ା ଓକିଲ ସଂଘ ସଭାପତି ଉପସ୍ଥିତ ରହି ଗଛ ଲଗାଇ ଥିଲେ। ପରେ କୋଲନରାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ, ଜଗଦମ୍ବା ଉଚ୍ଚ ବିଦ୍ୟାପୀଠରେ ମଧ୍ୟ ଚାରାରୋପଣ କରାଯାଇଥିଲା। ଏଥିରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ଗଛ ଲଗାଇ ଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଉଦ୍ୟାନ ଓ କୃଷି ବିଭାଗ ପକ୍ଷରୁ ଚାରା ଯୋଗାଇ ଦିଆଯାଇଥିଲା। ଏହି ଚାରାରୋପଣ କାର୍ଯ୍ୟକ୍ରମରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଜ୍ଞାନେନ୍ଦ୍ର କୁମାର ବାରିକ, ପରିବାର ଅଦାଲତ ଜଜ୍ ସୌଭାଗିନୀ ମଲ୍ଲିକ, ଏସ୍‌ଡିଜେଏମ୍ ଶତରୂପା ଶତପଥୀ, ଶୋଭନ ପଣ୍ଡା, ସୂର୍ଯ୍ୟ ନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଜିଲା କୋର୍ଟ ରେଜିଷ୍ଟ୍ରାର ସୁନନ୍ଦା ପାଢ଼ି, ଜିଲା ଆଇନସେବା ପ୍ରାଧିକରଣ ମନୋରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ଆଗକୁ ଏଭଳି ଚାରାରୋପଣ କାର୍ଯ୍ୟକ୍ରମ ଜାରି ରହିବ ବୋଲି ରେଜିଷ୍ଟ୍ରାର କହିଛନ୍ତି।



ଆଦର୍ଶ ବିଦ୍ୟାଳୟରେ ଚାରାରୋପଣ ଅବସରରେ ଅତିଥି ଓ ଅନ୍ୟମାନେ।

■ ମୁନିଗୁଡ଼ା ସ୍ୱାସ୍ଥ୍ୟକନ୍ଦ୍ର, କଲେଜ ପରିଦର୍ଶନ କଲେ ମନ୍ତ୍ରୀ

# ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦାବି

**ମୁନିଗୁଡ଼ା,୨୬।୮(ଡି.ଏନ୍.ଏ.)-**

ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ସୋମବାର ମୁନିଗୁଡ଼ା ଗସ୍ତରେ ଯାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ମହାବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ମନ୍ତ୍ରୀ ସାରକା ମୁନିଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପହଞ୍ଚି ଏହାର ବିଭିନ୍ନ ୱାର୍ଡ ବୁଲିବା ସହ ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ମେଡିକାଲ ଅଫିସର ଡା. ସଞ୍ଜୟ କୁମାର ଓ ବିପିଏମ୍ ତପନ ପଣ୍ଡାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ରୋଗୀ କଲ୍ୟାଣ ସମିତ ବୈଠକରେ ଯୋଗ ଦେଇଥିଲେ। ସମିତିର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହେବା ସହ ମନ୍ତ୍ରୀ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ମେଡିସିନ ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡାକ୍ତର ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ଆମ୍ବୁଲାନ୍ସ ଆବଶ୍ୟକ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏକ୍ସ-ରେ ମେସିନ ଅଛି, କିନ୍ତୁ ଟେକ୍ନିସିଆନ ନାହାନ୍ତି ବୋଲି ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା। ଉକ୍ତ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଦିଲୀପ କୁମାର ବେହେରା, ବିଜେଡି ବ୍ଲକ ସଭାପତି ରତନ ଲାଲ ଜୈନ, ପୂର୍ଣ୍ଣଚନ୍ଦ୍ର ଗୌଡ଼, ଜଗନ୍ନାଥ ନୁଣ୍ଡୁକା, ସିଡିପିଓ ସୁନିଲପ୍ରଭା ରଥ, ସଂଯୁକ୍ତା ଗମାଙ୍ଗ, ବିଇଓ ରାଧାକାନ୍ତ ଛତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ। ସେଠାରୁ ମନ୍ତ୍ରୀ ମୁନିଗୁଡ଼ା ମହାବିଦ୍ୟାଳୟକୁ ଯାଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗଭର୍ନିଂ ବଡି ବୈଠକରେ ସେ ଯୋଗଦେଇ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ଓ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।



ମନ୍ତ୍ରୀ ରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

# ସୌରା ଭାଷା ଓ ଲିପିକୁ ସାମ୍ବିଧାନିକ ମାନ୍ୟତା ଦାବି

**ଗୁଣପୁର,୨୬।୮(ଡି.ଏନ.ଏ)**

ସୌରା ଭାଷା ଓ ଲିପିକୁ ସାମ୍ବିଧାନିକ ମାନ୍ୟତା ଦାବିରେ ରାୟଗଡା ଜିଲା ପଦ୍ମପୁର ବ୍ଲକ ମାରିଗୁଡାରେ ଶବର ସାଂସ୍କୃତିକ ସଂଘ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଛି। ସୌରା ଭାଷା ଓ ଲିପିକୁ ସାମ୍ବିଧାନିକ ମାନ୍ୟତା ପାଇଁ କ'ଣ ପଦକ୍ଷେପ ଗ୍ରହଣ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ସଂଘ ସଭାପତି ଚକ୍ରପାଣି ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜ୍ୟ ଏବଂ କେନ୍ଦ୍ର ସରକାର ସୌରା ଭାଷା ଏବଂ ଲିପିକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ ଦିଗରେ ପଦକ୍ଷେପ ନେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏଥିସହ ସଂଘ କାର୍ଯ୍ୟାଳୟ ଗୃହକାମ ଶେଷ କରିବା, ସରକାରୀ ଜାଗାର ଅଧିଗ୍ରହଣ ଓ ସଂଘ ସୁପରିଚାଳନା ଏବଂ ଏହାର ପାଣ୍ଠି ପରିଚାଳନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ହରିବନ୍ଧୁ ଶବର,ଫାଲଗୁନି ଶବର, ପାଣ୍ଡବ ଶବର, ଚିନ୍ମୟ ଗମାଙ୍ଗ, କମଳାକାନ୍ତ ଶବରଙ୍କ ସମେତ ବହୁ ଆଦିବାସୀ ନେତା ଉପସ୍ଥିତ ଥିଲେ।



ସଂଘର ବୈଠକ ଚାଲିଛି।

■ ଉଦୟଙ୍କ ଇଚ୍ଛା ଶକ୍ତି ଆଗରେ ହାର୍ ମାନିଛି ଶିକ୍ଷାଗତ ଯୋଗ୍ୟତା

# ନିଜସ୍ୱ ଜ୍ଞାନ କୌଶଳରେ ତିଆରି କଲେ ବିହନବୁଣା ମେଶିନ୍

**ପଦ୍ମପୁର, ୨୬।୮(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ଗୁଡିଆବନ୍ଧ ଗାଁର ଉଦୟ ଶବର। ତାଙ୍କ ଶିକ୍ଷାଗତ ଯୋଗ୍ୟତା ମାତ୍ର ଚତୁର୍ଥ। ବୈଷୟିକ ଜ୍ଞାନ ନାହିଁ। କିନ୍ତୁ ତାଙ୍କ ଭିତରେ ସବୁବେଳେ କିଛି ନୂଆ କରିବାର ଇଚ୍ଛା। ତାଙ୍କର ଏହି ଇଚ୍ଛା ଶକ୍ତି ଆଗରେ ଶିକ୍ଷାଗତ ଯୋଗ୍ୟତା ମଧ୍ୟ ହାର୍ ମାନିଛି। ପୁରୁଣା ଅଦରକାରୀ ଜିନିଷକୁ ନେଇ ନିଜସ୍ୱ ଜ୍ଞାନ କୌଶଳରେ ସେ ତିଆରି କରିଛନ୍ତି ବିହନବୁଣା ମେଶିନ। ଏହି ମଶିନ ସାହାଯ୍ୟରେ ମାତ୍ର ଅଳ୍ପ ସମୟରେ ଏକର ଏକର ଜମିରେ ବିହନ ବୁଣା ଯାଇପାରିବ ବୋଲି ଉଦୟ କହିଛନ୍ତି।

ଉଦୟ ପ୍ରଥମେ କାଠ କାରିଗର ଭାବେ କାମ କରୁଥିଲେ। ପରେ ଏହାଛାଡି ସେ ଚାଷ କାମରେ ମନ ଦେଲେ। ବର୍ତ୍ତମାନ ଉଦୟ ଧାନ ଓ କପା ଚାଷ କରୁଛନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଟ୍ରାକ୍ଟର ମାଧ୍ୟମରେ ଜମି ଚାଷ କରିବା ତାଙ୍କ ପାଇଁ କଷ୍ଟ। ହଳ ଲଗାଇ ଚାଷ କରିବା ଓ ବିହନ ବୁଣିବା କଷ୍ଟସାଧ ହେବାରୁ ନିଜସ୍ୱ ଜ୍ଞାନକୌଶଳରେ ପୁରୁଣା ସ୍କୁଟର ଇଞ୍ଜିନରେ ତିଆରି କରିଛନ୍ତି ବିହନବୁଣା ମେଶିନ। ପେଟ୍ରୋଲ ଓ କିରୋସିନରେ ଏହି ମେଶିନ ଚାଲିବ। ଘଣ୍ଟାକୁ ୨ଲିଟର ପେଟ୍ରୋଲରେ ଏହି ମେଶିନ ସାହାଯ୍ୟରେ ଏକର ଏକର ଜମିରେ ବିହନ ବୁଣାଯାଇ ପାରିବ। ତେବେ ବିହନ ବୁଣିବା ସହିତ ଏହି ମେଶିନ ଦ୍ୱାରା ତଳିଘରା ମଧ୍ୟ ପ୍ରସ୍ତୁତ କରାଯାଇ ପାରିବ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ଗୋଟିଏ ପାଣି ପମ୍ପ ମୋଟରକୁ ନେଇ ବାଡଚାଷ ମେଶିନ ତିଆରି କରିଥିଲେ। ଉକ୍ତ ମେଶିନ ଶୁଖିଲା ଜମିରେ ଚାଷ କରିବାକୁ ସକ୍ଷମ ହେବାବେଳେ କାଦୁଅ ଜମିରେ ଚାଷ କରିବାକୁ ବିଫଳ ହୋଇଥିଲା। ଉକ୍ତ ମେଶିନର ଉଚ୍ଚ କ୍ଷମତା ସମ୍ପନ୍ନ ମୋଟର ବ୍ୟବହାର କଲେ ଏହି ଅସୁବିଧା ମଧ୍ୟ ଦୂର ହୋଇ ପାରିବ ବୋଲି ଉଦୟ କହିଛନ୍ତି। ବିଭିନ୍ନ ଜ୍ଞାନକୌଶଳରେ ନୂଆନୂଆ କୃଷି ଯନ୍ତ୍ରପାତି ତିଆରି କରିବା ପାଇଁ ଇଚ୍ଛା ରହିଛି। କିନ୍ତୁ ଆର୍ଥିକସ୍ଥିତି ସ୍ୱଚ୍ଛଳ ନ ଥିବାରୁ ଏହା ସମ୍ଭବ ହୋଇପାରୁନି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଥିବା ଉଦୟଙ୍କ ଭଳି ପ୍ରତିଭାବାନ ବ୍ୟକ୍ତିଙ୍କ ପ୍ରତି ପ୍ରଶାସନ ଦୃଷ୍ଟି ଦେବା ଆବଶ୍ୟକ ବୋଲି ଗ୍ରାମବାସୀ କହିଛନ୍ତି।

